
ତୁରୀୟ-1

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟ !!!

# ଚରମ


✲ ପ୍ରଥମ ପୁଷ୍ପ ✲ ପ୍ରଥମ ପାଖୁଡ଼ା ✲ କେଶବାବ୍ଦ : ଊନଚତ୍ୱାରିଂଶତ୍ ✲

| | |
|---|---|
| ସଂପାଦକ ଓ ପ୍ରକାଶକ | : ସାହିତ୍ୟ ସଂସଦ୍, ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ |
| ସହାୟକ ସହଯୋଗୀ | : ଶ୍ରୀ ସଦାନନ୍ଦ ରାମାନୁଜ ଦାସ |
| ମୁଦ୍ରକ | : ଇନ୍ ପ୍ରିଣ୍ଟ, ଚାନ୍ଦିନୀଚୌକ, କଟକ |
| ଅକ୍ଷରସଜ୍ଜା | : ରସଦ୍ ଆଡ୍ ଏଜେନ୍ସି, ମହତାବ ରୋଡ୍, କଟକ, ଫୋନ- ୦୬୭୧-୨୩୧୧୪୩୧ |

## କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ

ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,
ମାର୍ଫତ୍ : ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା
ପିନ୍ - ୭୫୪୨୦୬
ଫୋନ୍ - (୦୬୭୧) ୨୭୬୭୧୦୧

ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ୍ ତରଫରୁ ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି: କଟକଙ୍କ ଦ୍ୱାରା ପ୍ରକାଶିତ ଏବଂ ଇନ୍ ପ୍ରିଣ୍ଟ, କଟକଙ୍କ ଦ୍ୱାରା ମୁଦ୍ରିତ ।


ପ୍ରକାଶକଙ୍କ କର୍ତ୍ତୃକ ସର୍ବସତ୍ତ୍ୱ ସଂରକ୍ଷିତ ॥


✲ ଭକ୍ତି ପ୍ରେମାଞ୍ଜଳି : ପ୍ରତି ଖଣ୍ଡ : ଦଶ ମୁଦ୍ରାଞ୍ଜଳି ✲

❋ କେଶବାଢ : ଦ୍ୱିଚତ୍ୱାରିଂଶତ୍ ❋ ଜାଗ୍ରତ ମାସ ❋ ରକ୍ଷାବନ୍ଧନ ପୂର୍ଣ୍ଣିମା ❋

# ପ୍ରବେଶ ପରିଚିତି

❋ ପ୍ରଥମ ପୁଷ୍ପ ❋

ପ୍ରଥମ ପାଖୁଡ଼ା

ଚତୁର୍ଥ ମହକ

❖ ବୈଦିକ ପ୍ରାର୍ଥନା ❖

ବିଶାଳ ବିଶ୍ୱସ୍ୟ ନିଦାନ ବୀଜମ୍
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବେ
ବସୁନ୍ଧରା ବାରି ବିମାନ ବହ୍ନିଃ
ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ ॥

ଚତୁର୍ଥ ମହକ, କେଶବାଢ - ୫୨, ରକ୍ଷାବନ୍ଧନ ପୂର୍ଣ୍ଣିମା ୨୦୦୭ ଜୁଲାଇ ୩୦


| ବିଷୟ | ପୃଷ୍ଠାଙ୍କ | ବିଷୟ | ପୃଷ୍ଠାଙ୍କ |
|---|---|---|---|
| **ସିଂହଦ୍ୱାର** | | **[illegible]** | |
| ମଙ୍ଗଳାଷ୍ଟକମ୍ | ୧ | ସମବାଣି ଯୁଗେ ଯୁଗେ | ୧୭ |
| ଗୁରୁ ବନ୍ଦନା | ୧ | କଲ୍ୟାଣ ଦେଲି ତୋତେ | ୨୧ |
| **ମୁଖଶାଳା** | | ଚରମ ପ୍ରଚ୍ଛଦପଟ ସମ୍ପର୍କରେ | ୨୫ |
| ସଂପାଦକୀୟ | ୨ | **ନୀଳଚକ୍ର** | |
| **ଶ୍ରୀମନ୍ଦିର** | | | |
| ଗୁରୁ ଦକ୍ଷିଣା | ୪ | ବିଶ୍ୱ ଭ୍ରାତୃତ୍ୱ ବିଦ୍ୟାମା ପରିଷଦର ଇତିବୃତ୍ତି | ୨୭ |
| ଚରମ ଅର୍ଘ୍ୟ | ୬ | ଚରମ ହିଁ ଅଟେ ପରମ | ୩୧ |
| ଆମର ଲକ୍ଷ୍ୟ : ଚରମ ପ୍ରାପ୍ତି | ୭ | | |
| ଭକ୍ତି ପୁଷ୍ପାଞ୍ଜଳି | ୧୧ | ଚତୁର୍ଥ ମହକ କାହିଁକି ? | ୩୨ |
| ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ | ୧୩ | | |


## ପତ୍ରିକା ବ୍ୟବହାର ବିଧି

୧. ଶ୍ରଦ୍ଧା ଭକ୍ତି ଓ ନିଷ୍ଠାର ସହିତ ପାଠ କରନ୍ତୁ ।

୨. ନିଜେ ପଢ଼ିବା ସହିତ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବାକୁ ପ୍ରବର୍ତ୍ତନା ଦିଅନ୍ତୁ/କ୍ଷେତ୍ର ବିଶେଷରେ ନିଜେ ପଢ଼ି ପରିବାରର ଅନ୍ୟ ସମସ୍ତଙ୍କୁ ଶୁଣାନ୍ତୁ ।

୩. ପାଖ ପଡ଼ିଶାଙ୍କୁ ପଢ଼ିବାକୁ ସୁଯୋଗ ଦିଅନ୍ତୁ/ପଢ଼ି ଶୁଣାଇ ଦିଅନ୍ତୁ/ପତ୍ରିକା ନିୟମିତ କିଣିବା ପାଇଁ ଉତ୍ସାହିତ କରନ୍ତୁ ।

୪. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହା ଦ୍ୱାରା ପତ୍ରିକାର ଅଙ୍ଗହାନି ହେବ ।


୫. ପୂତ ପବିତ୍ରତା ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।

୬. ପତ୍ରିକାର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।

- ସଂପାଦକ, 'ଚରମ' ॥



ମୂଳାଧାର କର୍ଣ୍ଣଧାର     ସ୍ୱାଧୀଷ୍ଠାନେ ସ୍ୱାଧୀନ ।
ମଣିପୁର ପୁରୋହିତ     ଅନାହତ ପ୍ରବୀଣ ।।
ବିଶୁଦ୍ଧରେ ଶୁଦ୍ଧଚିତ୍ତ     ଆଜ୍ଞାଚକ୍ର ଅନୁଜ୍ଞା ।
ସହସ୍ରାର ସାର ଏକା     ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ।।




ଓଁ ନମୋ ଭଗବତେ ଯଦୁନନ୍ଦନାୟ କେଶବଚନ୍ଦ୍ରାୟ !!!

**ଅଥ ଶ୍ରୀ ମଙ୍ଗଳାଷ୍ଟକମ୍**

ତ୍ୱମେବ ବ୍ରହ୍ମ ପରଂବ୍ରହ୍ମ ଚ, ତ୍ୱମେବ ନିରାକାର ନିରାମୟ ।
ତ୍ୱମେବ ଶକ୍ତି ହରିହର ବ୍ରହ୍ମା, ତ୍ୱମେବ ନାଥ ଗୁରୁସ୍ୱାମୀ ମମ ॥

## ଗୁରୁ ବନ୍ଦନା

ବନ୍ଦେ ଗୁରୁସ୍ୱାମୀ ଗୁରୁ ଶ୍ରୀଗୁରୁଚରଣ ।
ଗୁରୁ କୃପାବଳେ ମିଳେ ଶ୍ରୀପଦେ ଶରଣ ।୧।

ବନ୍ଦେ ଶ୍ରୀଗୁରୁଚରଣ ପଙ୍କଜ ପୀଠରେ ।
ଶ୍ରୀପଦେ ଶରଣ ମିଳୁ ଅଧମ ପୁତ୍ରରେ ।୨।

ବନ୍ଦେ ଗୁରୁଦେବ ବନ୍ଦେ ପ୍ରଭୁପାଦ ହରି ।
ବନ୍ଦେ ଗୁରୁସ୍ୱାମୀ ବନ୍ଦେ ପ୍ରଭୁ ନରହରି ।୩।

ବନ୍ଦେ ଗୁରୁଶକ୍ତି ବନ୍ଦେ ପ୍ରଭୁ ହରିହର ।
ବନ୍ଦେ ଗୁରୁ ପରଂବ୍ରହ୍ମ ବ୍ରହ୍ମା ଅବତାର ।୪।

ବନ୍ଦେ ବ୍ରହ୍ମା ବିଷ୍ଣୁ ମହେଶ୍ୱର ଶ୍ରୀଶ୍ରୀଗୁରୁ ।
ବନ୍ଦେ କୃପାମୟ କୃପାବଳ କଳ୍ପତରୁ ।୫।

ବନ୍ଦେ ତ୍ରିଲୋକ ଈଶ୍ୱର ତ୍ରିଲୋକ ଈଶ୍ୱରୀ ।
ବନ୍ଦେ ଶ୍ରୀକେଶବଚନ୍ଦ୍ର ଶ୍ରୀକୃଷ୍ଣ ମୁରାରି ।୬।

ବନ୍ଦେ ଶ୍ରୀହରି ଶ୍ରୀରାମ ଶ୍ରୀକୃଷ୍ଣ କେଶବ ।
ବନ୍ଦେ କରୁଣା ସାଗର ଶ୍ରୀବିଷ୍ଣୁ ମାଧବ ।୭।

ବନ୍ଦେ ମହାଲକ୍ଷ୍ମୀ ମହାସରସ୍ୱତୀ ବନ୍ଦେ ।
ବନ୍ଦେ ମହାକାଳୀ ଦୁର୍ଗା ଚରଣାରବିନ୍ଦେ ।୮।

ବନ୍ଦେ ମହାକାଳ ବନ୍ଦେ ମହାକାଳୀ ବନ୍ଦେ ।
ବନ୍ଦେ ପ୍ରଣବ ମୂରତି ଜଗନ୍ନାଥ ପଦେ ।୯।


ବନ୍ଦେ ପ୍ରକୃତି ରୂପିଣୀ ପୁରୁଷ ଉତ୍ତମ ।
ବନ୍ଦେ ପୁରୁଷ ସ୍ୱରୂପ ସର୍ବଗୁଣ ଧାମ ।୧୦।

ବନ୍ଦେ ବିଦ୍ୟା, ବୁଦ୍ଧି, ଧୃତି, କ୍ଷମା, ଦୟା, ଧର୍ମ ।
ବନ୍ଦେ ଶାନ୍ତି, ପ୍ରେମ, ପ୍ରୀତି, ଗୁଣ ମାୟା, କର୍ମ ।୧୧।

ବନ୍ଦେ ଭାଗ୍ୟବିଧାତା ହେ, ବନ୍ଦେ କର୍ମଦେବ ।
ବନ୍ଦେ ମହାପ୍ରଭୁ ଗୁରୁସ୍ୱାମୀ ଶ୍ରୀ କେଶବ ।୧୨।

ବନ୍ଦଇ ଗୁରୁ ଚରଣ ପଙ୍କଜ ଯୁଗଳ ।
ଘେନା କର ବନ୍ଦନା, ହେ ଭକତ ବତ୍ସଳ ।୧୩।

# ମୁଖଶାଳା



## ସମ୍ପାଦକୀୟ

### ଓଁ ନମୋ ଭଗବତେ କେଶବଚନ୍ଦ୍ରାୟ !!

*ଯଦା ଯଦାହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ !*
*ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।* - ଗୀତା

*ରାମ କୃପାବିନୁ ସୁନୁ ଖଗରାଇ !*
*ଜାନି ନ ଜାଇ ରାମପ୍ରଭୁ ତାଇ ।* -ତୁଳସୀ ରାମାୟଣ

କାକ ଭୁଷଣ୍ଡି କହୁଛି - ହେ ପକ୍ଷୀରାଜ ! ରାମଙ୍କ କୃପା ନ ହେଲେ, ରାମଙ୍କ ମହିମା ଜଣାଯାଇ ନ ପାରେ । ସେହି ଅଜନ୍ମା ଅବ୍ୟକ୍ତ ପୁରୁଷଙ୍କ ଲୀଳା କେବଳ ଭକ୍ତଜନଙ୍କ ନିକଟରେ ପ୍ରତିଫଳିତ ହୁଏ । କଟକ ଜିଲ୍ଲାର ଥାନା/ ପୋଷ୍ଟ / ଗ୍ରାମ - ମାହାଙ୍ଗାର ନିପଟ ମଫସଲ ବଗାର ହରିଜନ ସାହି । ଅତି ଦରିଦ୍ର ପରିବାରରେ ଠାକୁର ଆବିର୍ଭାବ ହୋଇଛନ୍ତି ବୋଲି ଚାରିଆଡ଼େ ସନ ୧୯୭୨ ମସିହାରେ ତୁଣ୍ଡ ବାଇଦ ଭଳି ପ୍ରଚାର ହୋଇ ଯାଇଥିଲା । ତଥାପି ଧର୍ମ ଜିଜ୍ଞାସୁ, ଅନିସନ୍ଧିତ୍ସୁ ବିବେକବନ୍ତ ଦୃଢ଼ ସଂକଳ୍ପ ଭକ୍ତଜନଙ୍କର କିଏ ବା ଗତିପଥ ରୋଧ କରିପାରେ ? ସଂସ୍ପର୍ଶରେ ତାଙ୍କର ଯିଏ ଆସିଛନ୍ତି, ସେ ମୁହୂର୍ତ୍ତକ ପାଇଁ ହେଉ ପଛେ ସାରା ସଂସାରକୁ ଭୁଲିଯାଇ ଉନ୍ମୀଳିତ ନୟନରେ ଚାହିଁ ଭାବ ବନ୍ଧନରେ ତାଙ୍କ ସହ ମିଶି ଯାଇଛନ୍ତି । ସେ ସତ୍ୟ, ଶାନ୍ତି, ଦୟା ଓ କ୍ଷମାର ସାଗର । ପ୍ରେମ ଓ ଆନନ୍ଦର ମୂର୍ତ୍ତିମନ୍ତ ଶରୀର, ଯିଏ କେହି ନ ଦେଖିଲେ ବିଶ୍ୱାସ କରିପାରିବେ ନାହିଁ । ସେ ଅଧିକ କଥା ନ କହିଲେ ମଧ୍ୟ ଭାବ ତାଙ୍କର ମଣିଷ ମନର ଦୁଃଖକୁ ହରଣ କରିନେଇ ଆନନ୍ଦ ବର୍ଦ୍ଧନ କରୁଛି । ତାଙ୍କର ସରଳ ନିଷ୍କପଟ କଥାବାର୍ତ୍ତା, ମଧୁର ହସ, ମଧୁର ଚାହାଁଣୀ ସମସ୍ତଙ୍କୁ ବିମୋହିତ କରିଥାଏ । ତେଣୁ ତାଙ୍କ ନିକଟରେ ଅନେକ ସମୟ ଅନେକ ବ୍ୟକ୍ତି ଚୁପ୍ ଚାପ୍ ବସି ସମୟ ଅତିବାହିତ କରି ଚାଲିଯାଆନ୍ତି । ଏହିଭଳି ଭାବେ ଦିନକୁଦିନ ଭକ୍ତମାନଙ୍କର ଗହଳ ଚହଳ ବଢ଼ି ବଢ଼ି ଚାଲିଥାଏ ।

ସେ ନିଜେ ବିଭିନ୍ନ ଭାଷାରେ ଅନେକ ଗ୍ରନ୍ଥ ରଚନା କରିଛନ୍ତି । ଜିଜ୍ଞାସୁ ବ୍ୟକ୍ତିମାନଙ୍କର ଗଭୀର ତାତ୍ତ୍ୱିକ ପ୍ରଶ୍ନସମୂହର ଅତି ସହଜ ସରଳ ଭାଷାରେ ଉତ୍ତର ଦିଅନ୍ତି । ଷୋଡ଼ଶ ଶତକର ମହାପୁରୁଷମାନଙ୍କ ରଚିତ ଭବିଷ୍ୟ

ମାଳିକା ବର୍ଣ୍ଣନାନୁଯାୟୀ ବିଧି ନିର୍ଦ୍ଦିଷ୍ଟଦିନ ମାନଙ୍କରେ ନିର୍ଦ୍ଦିଷ୍ଟ ଆଦର୍ଶ କର୍ମମାନ ସମାପନ କରି ଚାଲିଛନ୍ତି ସଂଘ ମାଧ୍ୟମରେ ତଥା ସନ୍ ୧୩୯୮ ସାଲ ବୈଶାଖ ମାସ ଶୁକ୍ଳପକ୍ଷ ଅକ୍ଷୟ ତୃତୀୟା (ସନ୍ ୧୯୯୧ ମସିହା ମଇ ୧୯ ତାରିଖ, ରବିବାର) ଶୁଭ ତିଥିରେ **''ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍''** ନାମକ ଏକ ସଙ୍ଗଠନର ସୃଷ୍ଟିକରି ତଦନ୍ତର୍ଗତ ସଂଘ **ଅଚ୍ୟୁତ ଗୁପ୍ତ ବ୍ରହ୍ମସଂଘ** ଦ୍ୱାରା ସନାତନ ଧର୍ମକୁ ପୁନର୍ଜାଗରଣ କରିବା ପାଇଁ ମହାନ **ସନାତନୀ ଧ୍ୱଜା ସ୍ୱର୍ଣ୍ଣକ୍ଷେତ୍ର** ଧାମଠାରେ ଉତ୍ତୋଳନ କଲେ । ଅଧୋଗାମୀ ମାନବ ଜାତିକୁ ଅତିମାନସ ସ୍ତରରେ ପହଞ୍ଚାଇ ଦିବ୍ୟତ୍ୱ ବା ଚରମ ପ୍ରାପ୍ତି କରାଇବା ଉଦ୍ଦେଶ୍ୟରେ ଠାକୁରଙ୍କ ନିର୍ଦ୍ଦେଶରେ କର୍ମ ମୁଖର ହୋଇ ଉଠିଲା ସ୍ୱର୍ଣ୍ଣକ୍ଷେତ୍ରସ୍ଥିତ **କ୍ଷିତି ଜ୍ୟୋତି ଆଶ୍ରମ** ।

ଯୁଗର ସନ୍ଧିକ୍ଷଣ ଏହି **ଚରମ** ଅବସ୍ଥାରେ ସେହି ଦିବ୍ୟ ଜ୍ୟୋତିର ଆଲୋକ ପ୍ରତ୍ୟେକ ବ୍ୟକ୍ତି ବିଶେଷଙ୍କ ପାଖରେ ପହଞ୍ଚାଇ ଦେବା ପାଇଁ **''ଅବ୍ୟକ୍ତ''**ର ସେହି ପରମ ରହସ୍ୟ **ଚରମ** ସୁଧାକୁ ଝରାଇ ଚରମରୁ ପତିତ ମୁମୂର୍ଷୁ ପ୍ରାଣରେ ସଞ୍ଜୀବନୀ ସଞ୍ଚାରିତ କରାଇବେ ଠାକୁର । ସନ ୧୩୯୯ ସାଲ କାର୍ତ୍ତିକ, ଶୁକ୍ଳ ତ୍ରୟୋଦଶୀ, ପବିତ୍ର ବଡ଼ଓଷା (ସନ୍ ୧୯୯୨ ମସିହା ନଭେମ୍ବର ୮, ରବିବାର) ଶୁଭ ତିଥିରେ ପରିଷଦ୍ ଦ୍ୱାରା ସାହିତ୍ୟ ସଂସଦ୍ ଗଠନ କରି ପ୍ରକାଶମାଣ ପତ୍ରିକାର ନାମକରଣ ଦେଲେ **''ଚରମ''** ।

**ଚରମ-** ଏହି ପତ୍ରିକା ସାଧାରଣ ପତ୍ରିକା ନୁହେଁ । ଏହା କଳିର ଅନ୍ତିମ କାଳରେ କରାଳଗ୍ରାସୀ ବିକ୍ଷୁବ୍ଧ ମହାଦୁଷ୍କୃତି ରୂପକ ସାଗରରୁ ଉଦ୍ଧାର ପାଇବା ନିମନ୍ତେ ଜ୍ଞାନାଲୋକ ବିକିରଣ କରିବ । ଏହା ଅଜ୍ଞାନାନ୍ଧକାରାବଦ୍ଧ ଜୀବଙ୍କ ପାଇଁ ଉଦ୍ଦିଷ୍ଟ । ଅବଚେତନ ଜୀବକୁ ପୈଶାଚିକ ପ୍ରବୃତ୍ତିରୁ ନିବୃତ୍ତ କରାଇ ମାନବତ୍ୱରୁ ଅତିମାନସ ଚୈତନ୍ୟ ଉଦୟ କରାଇ ଦିବ୍ୟତ୍ୱ ପ୍ରାପ୍ତି କରାଇବା ଏହାର ଲକ୍ଷ୍ୟ । ଏହି କ୍ଷେତ୍ର, ଧାମ, ସଂଘ ଓ ସର୍ବୋପରି ସାହିତ୍ୟ ସଂସଦ୍ ସମସ୍ତ ବାସ୍ତବବାଦୀ ଅନୁଷ୍ଠାନ ଶ୍ରୀଠାକୁରଙ୍କ ସ୍ୱଇଚ୍ଛାରୁ ସୃଷ୍ଟି ।


ସେହି ଶ୍ରୀଗୁରୁସ୍ୱାମୀଙ୍କ ଶ୍ରୀଚରଣ ଶରଣାଶ୍ରିତ ଅଧମ ସେବକଗଣ ଗୁଣ୍ଡୁଚି ମୂଷା ଭଳି ଧନ୍ୟ ହୋଇଛନ୍ତି - **''ଚରମ''**ର ଚାମର ଚାଳନା ପାଇଁ ସମ୍ପାଦକ ଭାବେ । ପରିଷଦ୍ ଓ ସାହିତ୍ୟ ସଂସଦ୍ର ନିମନ୍ତ୍ରିତ **ସେବକ ପ୍ରଫେସର ସଦାନନ୍ଦ ରାମାନୁଜ ଦାସଙ୍କ** ଅନୁପ୍ରେରଣାରେ ଉତ୍ସାହିତ ହୋଇ ସଂପାଦନାମଣ୍ଡଳୀ ଦାୟିତ୍ୱ ବହନ କରି ପ୍ରକାଶମାଣ ଈପ୍ସିତ ପତ୍ରିକାଟିକୁ ଅର୍ଘ୍ୟସ୍ୱରୂପ ସମର୍ପଣ କରୁଛନ୍ତି ।

ଏହାର ପ୍ରଥମ ଅର୍ଘ୍ୟାର୍ପଣ - ଆବିର୍ଭାବ ବିଶେଷାଙ୍କ ତଥା **'ଚରମ'**ର ମର୍ତ୍ତ୍ୟାବତରଣ ବିଶେଷାଙ୍କ ଅଟେ ।

## ଆବିର୍ଭାବ ବିଶେଷାଙ୍କ

ଏହି ବିଶେଷାଙ୍କରେ ରହିଛି- ଶ୍ରୀଶ୍ରୀ ଠାକୁରଙ୍କ ଆବିର୍ଭାବର ମାଳିକା ପ୍ରମାଣ । ଆବିର୍ଭାବ ରହସ୍ୟ । ଆବିର୍ଭାବ ପରଠାରୁ ବିଶେଷ ମୁଖ୍ୟ ଘଟଣାବଳୀ । ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କ କୃତ 'ଜାଇଫୁଲ ମାଳିକା'ରେ ବର୍ଣ୍ଣିତ ପତ୍ରିକା **''ଚରମ''**ର ରହସ୍ୟ । ଚରମ ପତ୍ରିକାକୁ ଶ୍ରୀଠାକୁରଙ୍କ **ଆଶୀର୍ବାଦ** । ଶ୍ରୀମୁଖ ନିଃସୃତ ବାଣୀ ଓ ଉପଦେଶ । ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ର ସଂକ୍ଷିପ୍ତ ଇତିବୃତ୍ତି .... ଇତ୍ୟାଦି ।

**- ସମ୍ପାଦନାମଣ୍ଡଳୀ ।**




## ଗୁରୁ ଦକ୍ଷିଣା

*ତ୍ରେତୟାରେ ଶ୍ରୀରାମଙ୍କର ଶିକ୍ଷାଗୁରୁ ଥିଲେ ବିଶ୍ୱାମିତ୍ର, ଦ୍ୱାପରରେ ଶ୍ରୀକୃଷ୍ଣଙ୍କର ଶିକ୍ଷାଗୁରୁ ଥିଲେ ସାନ୍ଦିପନୀ । ସେହିପରି ଅନ୍ତିମ କଳିରେ ଶ୍ରୀ କେଶବଙ୍କର ଅନେକ ଶିକ୍ଷାଗୁରୁଙ୍କ ମଧ୍ୟରୁ ବିଜୟାନନ୍ଦ ଗୋସ୍ୱାମୀ ଅନ୍ୟତମ । ଗୁରୁସ୍ୱାମୀ ଶ୍ରୀଶ୍ରୀଶ୍ରୀ ଠାକୁର ୧୯୮୯ ମସିହା ବରଦା ଚତୁର୍ଥୀ ତିଥିରେ (ଶ୍ରୀପଞ୍ଚମୀ ପୂର୍ବଦିନ) ଆପଣାର ଶିକ୍ଷାଗୁରୁ ବିଜୟାନନ୍ଦ ଗୋସ୍ୱାମୀ ମହାଶୟଙ୍କୁ ସନିର୍ବନ୍ଧ ଗୁରୁଦକ୍ଷିଣା ଦେଇ ଆପଣାକୁ ଆନୁଷ୍ଠାନିକ ଭାବରେ ମାଳିକା ମତେ ପ୍ରକାଶ କରନ୍ତି ।*

*ବିଜୟାନନ୍ଦ ଗୋସ୍ୱାମୀ ମହାଶୟ ଏହି ଗୁରୁଦକ୍ଷିଣା ଅବସରର ଅନୁଭୂତି ପ୍ରସଙ୍ଗରେ ଏଠାରେ ବିଜେ ନିଜସ୍ୱ ସ୍ୱୀକାରୋକ୍ତି ପ୍ରକାଶ କରିଛନ୍ତି । ଚରମ ପୃଷ୍ଠାରେ ଏହା ପ୍ରକାଶ କରାଯାଇ ସର୍ବସାଧାରଣଙ୍କ ଅବଗତିର ପଥକୁ ସୁଗମ କରିବାର ପ୍ରୟାସ କରାଯାଇଛି ମାତ୍ର ।*

## ଗୁରୁ ଦକ୍ଷିଣା - ସ୍ୱୀକାରୋକ୍ତି

ହଠାତ୍ ସେଦିନ ମୋତେ ଜଣାଇ ଦିଆଗଲା ମୋର ଛାତ୍ର କେଶବ, ଠାକୁର ଶ୍ରୀ ଶ୍ରୀ କେଶବଚନ୍ଦ୍ରରେ ପରିଣତ ହୋଇଛନ୍ତି । କାଳେ ମୁଁ ଭୁଲି ଯାଇଥିବି, ସେଥିପ୍ରତି ବିଭିନ୍ନ ଭାବେ ମୋର ସ୍ମୃତି ଜାଗରଣ ନିମନ୍ତେ ପ୍ରୟାସ ହେଲା । ଜାଗରିତ ସ୍ମୃତିମାଳିକା ଅନାୟାସରେ ସଫଳ ହେଲେ । ସେମାନେ ମୋତେ ବୁଝାଇ ଦେଲେ, କେଶବ ଯୋଗତପସ୍ୟା ବଳରେ ଯୁଗର ଆବଶ୍ୟକତା ଅନୁସାରେ ଯୁଗ ପୁରୁଷ ରୂପେ ଆବିର୍ଭାବ ହୋଇଛନ୍ତି । ସେ ସ୍ୱରୂପ ପ୍ରକାଶ ପଥରେ । ତେଣୁ ଆମ ସହିତ ଆପଣଙ୍କୁ ଯିବାକୁ ହେବ ।

ମୋତେ ଶୂନ୍ୟରୁ ପଡ଼ିଗଲା ଭଳି ଲାଗିଲା । କେଶବ ମୋର ଛାତ୍ର ଥିଲେ । ଅନ୍ୟ ଅନେକେ ମଧ୍ୟ ମୋର ଛାତ୍ର ଥିଲେ । କିନ୍ତୁ ମୁଁ ଏବେ ଆଉ ଶିକ୍ଷକ ନାହିଁ, କିମ୍ବା ମୋର କେହି ଛାତ୍ର ମଧ୍ୟ ନାହାନ୍ତି । ଅଥଚ ଜଣେ ଯୁଗପୁରୁଷ ରୂପେ ନିଜକୁ ପ୍ରକାଶିତ କରିବା ଅବ୍ୟବହିତ ପୂର୍ବରୁ ମୋତେ ଅପରିହାର୍ଯ୍ୟ ମନେ କରିବାର ରହସ୍ୟ କ'ଣ ? ମୁଁ ଶିକ୍ଷକ ଥିଲି, ଓକିଲ ହେଲି । କିନ୍ତୁ ଗୁରୁ ନ ଥିଲି କିମ୍ବା ହେବାର ସାମାନ୍ୟତମ ସଜ୍ଞାନ ଆଗ୍ରହ ନାହିଁ । ତେଣୁ ମୁଁ କିଛି ବୁଝି ପାରିଲି ନାହିଁ ।

ସେମାନେ ବୁଝାଇଲେ ଶ୍ରୀ ଶ୍ରୀ ଠାକୁର ଯୁଗପୁରୁଷ, ସେ ଏକ ଅବତାର । ତାଙ୍କର କେହି ନାହାନ୍ତି । ଯେ ସମସ୍ତଙ୍କର ଗୁରୁ, ତାଙ୍କର ପୁଣି ଗୁରୁ କିଏ ? **ତେଣୁ ଆପଣ କୃଷ୍ଣଙ୍କ ଗୁରୁ ସାନ୍ଦିପନୀଙ୍କ ଭଳି ଶ୍ରୀ ଶ୍ରୀ ଠାକୁରଙ୍କ** ଶିକ୍ଷାଗୁରୁ । **ସେ ଆପଣଙ୍କୁ ଦକ୍ଷିଣା ଦେଇ ନିଜକୁ ଆନୁଷ୍ଠାନିକ ଭାବେ ପ୍ରକାଶ କରିବେ ।** ଶ୍ରୀକୃଷ୍ଣଙ୍କ ଶିକ୍ଷାଗୁରୁ ସାନ୍ଦିପନୀ ଏ କଥା ବୁଝିବା ଛଡ଼ା, ମୁଁ ଆଉ କିଛି ବୁଝି ପାରିଲି ନାହିଁ । କିନ୍ତୁ ଆପଣମାନେ ଶୁଣିଲେ ଆଶ୍ଚର୍ଯ୍ୟ ହେବେ, ମୁଁ ସେମାନଙ୍କ କଥା ମାନି ମୋର ଛାତ୍ର ଏବଂ ସେମାନଙ୍କ ଶ୍ରୀ ଶ୍ରୀ ଠାକୁରଙ୍କ ସାଦର ତଥା ଭବ୍ୟ ନିମନ୍ତ୍ରଣ ରକ୍ଷାକରି ଗୁରୁ ଦକ୍ଷିଣା ଗ୍ରହଣ କରିବାକୁ ଯାତ୍ରା ଆରମ୍ଭ କଲି ।

ସ୍ୱର୍ଣ୍ଣ କ୍ଷେତ୍ରରେ ପହଞ୍ଚିଲି । ହଜାର ହଜାର ଭକ୍ତ ତଥା ଶିଷ୍ୟଙ୍କ ଭବ୍ୟ ଅଭ୍ୟର୍ଥନାରେ ହତଚକିତ ହେଲି । କେତୋଟି ଦିନ ପରେ ନିଭୃତରେ ଛାତ୍ରଙ୍କ ସାକ୍ଷାତ୍ ( ଦର୍ଶନର ଭବ୍ୟ ସୁଯୋଗ ମିଳିଲା ଗଭୀର ନିଶାର୍ଦ୍ଧରେ) ସାକ୍ଷାତକାର ମାତ୍ରେ ବୁଝିଲି, ସେ ମୋର ଛାତ୍ର ନୁହଁନ୍ତି, ମୁଁ ତାଙ୍କର ଗୁରୁ ନୁହେଁ । ସେ ମୋତେ ପୂର୍ବରୁ ବହୁ ପାର୍ଥିବ ଦ୍ରବ୍ୟ ଦେଇଥିଲେ ମଧ୍ୟ ପ୍ରତ୍ୟକ୍ଷରେ କହିଲେ ''କ'ଣ ନେଲେ ଆପଣ ଖୁସି ହେବେ କୁହନ୍ତୁ ?''

**ମୁଁ ଦୁଃଖ କଷ୍ଟ ସହିବାର କ୍ଷମତା ଓ ଦିବ୍ୟ ଦୃଷ୍ଟି ମାଗିଲି, ସେ ବସିବା ଆସନରୁ ଉଠିପଡ଼ି ମୋ କପାଳ ଓ ମସ୍ତକ କିଛି ସମୟ ପାଇଁ ସ୍ପର୍ଶକରି ରହିଲେ ।** ତା'ପରେ ନିଜର ଆସନ ଗ୍ରହଣ କରି ପଦ୍ମାସନରେ ମୁଦ୍ରାଟିଏ କରି ମନ୍ତ୍ର ଉଚ୍ଚାରଣ ପୂର୍ବକ କହିଲେ **''ଏହାକୁ ସକାଳ ସଂଧ୍ୟା ଜପ କରିବେ, ବେଶୀ ଗପିବେ ନାହିଁ, ବୁଲିବେ ନାହିଁ, ଓକିଲାତି କରିବେ ନାହିଁ । ଆଦୌ ଆମିଷ ସ୍ପର୍ଶ କରିବେ ନାହିଁ ।''** ମୁଁ ଅତି ନମ୍ରତାର ସହିତ ବିଶ୍ୱସ୍ତ କଣ୍ଠରେ କହିଲି, ''ମୁଁ ଗୁରୁ ଦକ୍ଷିଣା ଗ୍ରହଣ କଲି, ଏବେ ମୋର କ'ଣ ସାଧନା କରିବା ଦରକାର ?'' ଉତ୍ତର **''ଆପଣଙ୍କର ସମସ୍ତ ସାଧନା ଶେଷ ହୋଇଛି । ସାଧନା କରିବାକୁ ଆଉ କିଛି ନାହିଁ । ଆପଣ ଭୁଲି ଯାଇଛନ୍ତି, ମନେ ପକାନ୍ତୁ, ସବୁ ମନେ ପଡ଼ିବ ।''**

ମୁଁ ଆଉ କିଛି କହିଲି ନାହିଁ, କହିବାର କିଛି ଥିଲା ଭଳି ଅନୁଭବ ମଧ୍ୟ କରିପାରିଲି ନାହିଁ । ତା'ପରେ ସେ ମୋ ମୁହଁକୁ ଚାହିଁଲେ, **''କହିଲେ ଚିନ୍ତା କରିବାର କିଛି ନାହିଁ, ଆପଣ ନିଜ ଖୁସିରେ କାମ କରନ୍ତୁ ।''** ଗୁରୁ ଦକ୍ଷିଣା ସହ ମୁଁ ନିଜ ବାସସ୍ଥଳୀକୁ ଫେରିଲି ।

✪●✪



ଶ୍ରୀ ଗୁରୁଙ୍କ ନିକଟରେ ସମସ୍ତ ପ୍ରକାଶ କରିଦିଅ ।
ଲଜ୍ଜା, ସଂକୋଚ, ଭୟ ଦୂରକର ।
ସେ ତୁମକୁ ଅତି ଶ୍ରଦ୍ଧାରେ ଅଭୟଚରଣ ଦାନ କରିବେ ।
- କୈବଲ୍ୟ କଣିକା



# ଚରମ ଅର୍ଘ୍ୟ

ତେୟାନବେ ସାଲ ପହିଲି ଏପ୍ରିଲ
ପୂତ ଉତ୍କଳ ଦିବସ ।
ଶ୍ରୀରାମ ନବମୀ ପଣ୍ଡିତ ବାସର
କ୍ଷରିତ ବିଭୁ ସନ୍ଦେଶ ।୧।

ଜଗତପୁରରେ ଜଗତ ଠାକୁର
ଜଗତ କଲ୍ୟାଣ ପାଇଁ ।
ଗୋବିନ୍ଦ ନିଳୟେ ବିଜୟ ଗୋବିନ୍ଦ
ଭକ୍ତ ପାରିଷଦ ନେଇ ।୨।

ଶୁଭ ଉନ୍ମୋଚନ ''କେଶବ ଭବନ''
ଶ୍ରୀକର ପୀୟୁଷ ଦେଇ
ବେଦପତି ବିଭୁ ବନ୍ଦନାରେ ରତ
ଶିବ ତାଣ୍ଡବରେ ବାଇ ।୩।

ଯଥାବିଧି ପୂଜା ପୁଷ୍ପାଞ୍ଜଳି ଦେଲେ
ଦେବ ଗୁରୁ ବୃହସ୍ପତି ।
ଅନ୍ୟ ଦେବ ଦେବୀ ଭାବ କି ବର୍ଣ୍ଣିବି ?
ସାଷ୍ଟାଙ୍ଗେ କଲେ ପ୍ରଣତି।୪।

'କେଶବ ଭବନେ' ସାହିତ୍ୟ ସଦନ
ବିଶ୍ୱରେ ପ୍ରତିଷ୍ଠା ହେଲା ।
କର୍ଣ୍ଣଧାର ସଦାନନ୍ଦ ରାମାନୁଜ
ଭୀଷ୍ମ ଶପଥ ଘେନିଲା ।୫।

ଚରମ ପତ୍ରରେ କେଶବ ସନ୍ଦେଶ
ବିଶ୍ୱେ ପ୍ରଚାର ହୋଇବ ।
ଶ୍ୟାମଳ ବରନ କେଶବ ମହିମା
ବିଶ୍ୱ ଜନତା ଗାଇବ ।୬।

ଚରମ ପତ୍ରିକା ମାଧ୍ୟମେ ପ୍ରଭୁଙ୍କ
ମାୟା ମୁଖ ଖୋଲିଯିବ ।
କେଶବ, କେଶବ ଅନାଥ ବାନ୍ଧବ
ବିଶ୍ୱେ ଶଙ୍ଖନାଦ ହେବ ।୭।

ବିଦେଶରେ ସତ୍ ସଙ୍ଘ ଧର୍ମସଭା
ଠାବେ ଠାବେ ବସିଯିବ
ସତ୍ୟ ସନାତନୀ ଅନନ୍ତ ଗଗନେ
ଭ୍ରାତୃତ୍ୱ ପ୍ରେମ ଗାଇବ ।୮।

ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ
କାୟା ବିସ୍ତାର ହୋଇବ ।
ଯୁଗ ଅବତାର କେଶବ ଚନ୍ଦ୍ରଙ୍କ
ଉଦ୍ଦେଶ୍ୟ ପୂରଣ ହେବ ।୯।

ଯୁଗ ପରେ ଯୁଗ ବହିଲୀଳା ଅଙ୍ଗ
ନିତ୍ୟ ଅବ୍ୟକ୍ତ ଠାକୁର
ପବିତ୍ର ଭାରତ ଭୂମିରେ ବହରି
ଖୋଲିଛନ୍ତି ଧର୍ମଦ୍ୱାର ।୧୦।

ଉତ୍କଳ ଜନନୀ ବୀର ପ୍ରସବିନୀ
କେତେ ତପ କରିଥିଲା
ଶ୍ୟାମ ଦୂର୍ବାଅଙ୍କେ ଶ୍ୟାମଳ ବରନ
କେଶବ ଚନ୍ଦ୍ରେ ପାଳିଲା ।୧୧।

ତାହାରି ସନ୍ତାନ ସଂସାର ସାଗରେ
ଧର୍ମନାବ ବହିନେଲା
ପୁରାଣ ପୃଷ୍ଠାରେ ସ୍ୱର୍ଣ୍ଣ ଅକ୍ଷରରେ
ମାତା କୀରତି ଲେଖିଲା ।୧୨।

ଜଗନ୍ନାଥ ଦେଶ ଉତ୍କଳ ପ୍ରଦେଶ
ତା'ପାଦେ କୋଟି ଜୁହାର
କୋଟି କୋଟି ଭକ୍ତ ତା କୋଳେ ଜନମି
ଦେଇଛନ୍ତି ଗଳାହାର ।୧୩।

କଳିର ଚରମ ପାପ ତ ଚରମ
ଚରମ ନିୟତି ଦାଉ
କେଶବ ଚରମ ସନ୍ଦେଶ ଚରମ
କୋଟି ଜନମୁଖ ଗାଉ ।୧୪।

ଆସ ବିଶ୍ୱବାସୀ କାନ୍ଧେ କାନ୍ଧ ଘଷି
ଛାତିକୁ ଛାତି ମିଳାଇ
'ଚରମ' ପତ୍ରିକା ପରେ ହାତ ରଖି
ହୋଇଯିବା ଭାଇ ଭାଇ ।୧୫।

ପ୍ରଭୁ ନିରଞ୍ଜନ ପାଦେ ରଖି ମନ
ଭାଇ ଭାଇ ବୋଲି ଡାକି
ନିଶ୍ଚେ ଆମ ଆଶା ପୂରଣ ହୋଇବ
ସୁକାନ୍ତି ତନୟ ସାକ୍ଷୀ ।୧୬।

(ଗତ ୧/୪/୯୩ ରେ ଜଗତପୁରରେ ''କେଶବ ଭବନ'' ଉଦ୍‌ଘାଟନ ଉପଲକ୍ଷେ ରଚିତ)

# ଆମର ଲକ୍ଷ୍ୟ : ଚରମ ପ୍ରାପ୍ତି

*ପରମ ପ୍ରେମମୟ ଜୀବନ ଦେବତା ପ୍ରଭୁପାଦ ଗୁରୁସ୍ୱାମୀ ଶ୍ରୀ ଶ୍ରୀ ଶ୍ରୀ ଠାକୁରଙ୍କର ମହତୀ ଇଚ୍ଛାରୁ ଆମର ଲକ୍ଷ୍ୟ : ଚରମ ପ୍ରାପ୍ତି ଏକ ନିୟମିତ ଧାରାବାହିକ ସ୍ତମ୍ଭ ରୂପରେ ଚରମର ପୃଷ୍ଠା ମଣ୍ଡନ କରିବ । ଏହି ସ୍ତମ୍ଭରେ ବିଭିନ୍ନ ଶୀର୍ଷକରେ ପ୍ରବହମାନ ପ୍ରକାଶ ପାଇ ସତ୍ୟ ସନାତନ ଧର୍ମର ନିଗୂଢ଼ ତତ୍ତ୍ୱମାନ ଅଗଣତି ଅନୁଗତ ଶିଷ୍ୟ, ଭକ୍ତ, ଗ୍ରାହିକା, ପାଠକ ପାଠିକା ଭାଇ ଭଉଣୀ ମାନଙ୍କର ଅଧ୍ୟାତ୍ମ ଶିକ୍ଷା ଓ ଧାର୍ମିକ ଜୀବନକୁ ପରିପୁଷ୍ଟ କରିବା ସହିତ ଅନୁସନ୍ଧିତ୍ସୁମନର ଅସଂଖ୍ୟ ପ୍ରଶ୍ନର ସମାଧାନ କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବ ।*

*ଏହି ସ୍ତମ୍ଭରେ ନିୟମିତ ଭାବରେ ବିଭିନ୍ନ ଆଧ୍ୟାତ୍ମିକ ତତ୍ତ୍ୱ ସମ୍ବଳିତ ପ୍ରବହମାନ ଚରମର ପାଖୁଡ଼ାମାନଙ୍କରେ ପତ୍ରସ୍ଥ କରିବାର ପ୍ରତିଶ୍ରୁତି ସମ୍ପାଦନାମଣ୍ଡଳୀ ଦେଉଛି ।)*

ଚଉରାଅଶୀ ଲକ୍ଷ ଯୋନି ଭ୍ରମଣ କରି ଏ ଆତ୍ମା ଶେଷରେ ଦୁର୍ଲଭ ନରଦେହ ଧାରଣ କରିଛି । ବିଶ୍ୱସ୍ରଷ୍ଟାଙ୍କ ସୃଷ୍ଟିରେ ନର ଦେହ ହିଁ ସର୍ବଶ୍ରେଷ୍ଠ ସୃଷ୍ଟି । ମଣିଷର ଧର୍ମ ଧାରଣା ହିଁ ତାହାକୁ ଅନ୍ୟାନ୍ୟ ଇତର ଜୀବଠାରୁ ସ୍ୱତନ୍ତ୍ର ସ୍ଥାନ ଦେଇଛି । ଏହି ଧର୍ମ ଧାରଣାରୁ ହିଁ କର୍ମପ୍ରବାହର ସୃଷ୍ଟି । କର୍ମଯୋଗରେ ଯୋଗାରୂଢ଼ ମଣିଷର ପ୍ରାପ୍ତି ଇଚ୍ଛା ମଧ୍ୟ ସ୍ୱତନ୍ତ୍ର । ସକଳ ପ୍ରକାର ପ୍ରାପ୍ତି ମଧ୍ୟରେ ଶାନ୍ତି ଓ ଆନନ୍ଦ ହିଁ ଶ୍ରେଷ୍ଠ ପ୍ରାପ୍ତି । ସବୁ ଶ୍ରେଣୀର, ସବୁ ରୁଚିର ସବୁ ପ୍ରକାର ମଣିଷ ଏହି ସୁଖ, ଶାନ୍ତି ଓ ଆନନ୍ଦ ପ୍ରାପ୍ତି ନିମନ୍ତେ ଭିନ୍ନ ଭିନ୍ନ ପଥର ପଥିକ । ଜାଗତିକ ଜୀବନରେ କିନ୍ତୁ ଏହି ସୁଖ, ଶାନ୍ତି ଓ ଆନନ୍ଦ ଖଣ୍ଡ ବିଖଣ୍ଡିତ । ସାଂସାରିକ ବଦ୍ଧ ଜୀବ ଖଣ୍ଡିତ ସୁଖ, ଶାନ୍ତି, ଆନନ୍ଦରେ ବିଭୋର ହୋଇ ପୂର୍ଣ୍ଣାନନ୍ଦ ବା ବ୍ରହ୍ମାନନ୍ଦଙ୍କଠାରୁ ଦୂରେଇ ଯାଏ । ଫଳତଃ ସୁଖ ପ୍ରାପ୍ତିର ପର ମୁହୂର୍ତ୍ତ ତା' ପାଇଁ ଅମାପ ଦୁଃଖ ଆଣିଦିଏ । ଶାନ୍ତି ପରେ ପରେ ଅଶାନ୍ତିର ଦାବାନଳରେ ସେ ଦଗ୍ଧୀଭୂତ ହୋଇ ଜନ୍ମ ଓ ଜୀବନକୁ ବ୍ୟର୍ଥ ମଣେ । ଆନନ୍ଦର ଅପର ପାର୍ଶ୍ୱରେ ବି ଘୋର ବିଷାଦର ଅଟ୍ଟହାସ୍ୟରେ ସେ ହୁଏତ ମ୍ରିୟମାଣ ହୁଏ । ତଥାପି ପ୍ରବୃତ୍ତି ପରିଚାଳିତ ବଦ୍ଧ ଜୀବ ପ୍ରାଣାନ୍ତକ ଉଦ୍ୟମ କରେ, ସେହି ଖଣ୍ଡିତ ସୁଖ, ଶାନ୍ତି ଓ ଆନନ୍ଦ ପ୍ରାପ୍ତି ନିମନ୍ତେ । ଏଥିପାଇଁ ରୁଚି ଅନୁସାରେ ବିଭିନ୍ନ ମଣିଷ ଭିନ୍ନ ଭିନ୍ନ ଉପାୟ ଅବଲମ୍ବନ କରନ୍ତି । ଭିନ୍ନ ଭିନ୍ନ କ୍ରିୟା ସମ୍ପାଦନ କରନ୍ତି ଓ ବିଭିନ୍ନ ପଥର ପଥିକ ହୁଅନ୍ତି । ଏତାଦୃଶ ସୁଖ ଶାନ୍ତି ଓ ଆନନ୍ଦପ୍ରାପ୍ତି କିନ୍ତୁ ପ୍ରକୃତ ପ୍ରାପ୍ତି ନୁହେଁ । ଏହା ମାୟାବଦ୍ଧ ମଣିଷର ଭରମ ( ଭ୍ରମ = ଭୁଲ୍) ପ୍ରାପ୍ତି । ଚରମ ପ୍ରାପ୍ତି ନୁହେଁ ।

ମୁକ୍ତ ଜୀବ ବା ମୁକ୍ତ ମଣିଷର ସ୍ଥିତି, ଗତି ଓ ପ୍ରକୃତି ସ୍ୱତନ୍ତ୍ର । କପିଳଙ୍କ ସାଂଖ୍ୟଦର୍ଶନ ମତାନୁସାରେ ଯେ ମୁକ୍ତ ସେ ଭକ୍ତ । ଯେ ଭକ୍ତ, ସେ ଈଶ୍ୱର ଅନୁଗତ । ପୁଣି ଯେ ଈଶ୍ୱର ଅନୁଗତ, ସେ ସାଧକ । ସାଧକ ନିତ୍ୟ ନୈମିତ୍ତିକ ଜୀବନ ଧାରାରେ ସୁଲଭ ସାବଲୀଳ ଭଙ୍ଗୀରେ ଗୋପନରେ ସାଧନ, ଭଜନ, ମନନ, କୀର୍ତ୍ତନ, ସ୍ମରଣ ଦର୍ଶନ ଇତ୍ୟାଦି କର୍ମରେ ପ୍ରବୃତ୍ତ ହୋଇଥାଏ । ସତର୍କତାର ସହିତ ନିଜକୁ ଗୋପନୀୟ ରଖେ । ବହୁ ଭାବରେ ବହୁଜନରେ ବହୁସ୍ଥାନରେ ନିଜକୁ ପ୍ରକଟ କରିବାରେ ଅଭୀପ୍ସା ତିଳେ ମାତ୍ର ତାହାର ନ ଥାଏ । ସେ ପ୍ରଭୁ ଭାବରେ ବିହ୍ୱଳିତ ହୋଇ ଆତ୍ମସ୍ଥ ଅବସ୍ଥାରେ ପ୍ରଭୁଦତ୍ତ ପ୍ରସାଦରେ ଆମୋଦ ଲାଭ କରି ଧନ୍ୟ ହୁଏ । ବାହ୍ୟ ଜଗତ ସହିତ ସେ ସଂପୃକ୍ତ ମନେ ହେଉଥିଲେ ହେଁ ବସ୍ତୁତଃ ସେ ତନ୍ମଧ୍ୟରେ ଆଦୌ ନ ଥାଏ । ପ୍ରଭୁ ପଦାମ୍ବୁଜରେ ଲୟ ଓ ଲକ୍ଷ୍ୟ ରଖି ନିତ୍ୟ ଆବାସସ୍ଥଳୀ

ପ୍ରଭୁ ସନ୍ନିକଟରେ ତା'ର କାରଣ ଓ ସୂକ୍ଷ୍ମ ଶରୀରରେ ସ୍ୱସ୍ଥାନ ବାଛି ନେଇଥାଏ । **ସ୍ଥୂଳତଃ** ସେ ଜାଗତିକ ବିଷୟ ଜଞ୍ଜାଳରେ ସନ୍ତୁଳିତ ହେବାରେ ନିଛକ ଅଭିନୟ କରିଚାଲେ, ନିଜକୁ ଗୋପନ ରଖିବା ନିମନ୍ତେ । ବିଷୟୀ-ରସିକ-ମାନେ ଏତାଦୃଶ ଭକ୍ତର ମନୋଭାବକୁ ଠିକ୍ ରୂପେ ଚିହ୍ନି ନ ପାରି ତାହାକୁ ନିଜ ସଦୃଶ, ସାଧାରଣ ସୁଖଦୁଃଖ ଜର୍ଜରିତ ସଂସାରୀଟିଏ ବୋଲି ଧରିନେଇ ଥାଆନ୍ତି । **କିନ୍ତୁ ସାମାନ୍ୟ ଧୈର୍ଯ୍ୟ ଓ ସ୍ଥୈର୍ଯ୍ୟର ସହିତ** ତାଙ୍କର କର୍ମସୂଚୀ ଓ ଆନ୍ତରିକ ରୁଚିର ବିଶ୍ଳେଷଣ କଲେ ସେ ଯେ ଜାଗତିକ ଓ ଦୃଶ୍ୟମାନ ଖଣ୍ଡିତ ସୁଖର ବହୁ ଊର୍ଦ୍ଧ୍ୱରେ ତାହା ସହଜରେ ଧରିହୁଏ ।

ବ୍ରହ୍ମାନନ୍ଦ ବା ପରମାନନ୍ଦ ବା **ପୂର୍ଣ୍ଣାନନ୍ଦ ପ୍ରାପ୍ତି ହିଁ ଆମର ଚରମ ପ୍ରାପ୍ତି** । ଏହି **ଚରମ ପ୍ରାପ୍ତି ହିଁ ଆମର ଲକ୍ଷ୍ୟ** । ସେହି ବ୍ରହ୍ମାନନ୍ଦ ବା ପୂର୍ଣ୍ଣାନନ୍ଦ ହିଁ ସତ୍-ଚିତ୍-ଆନନ୍ଦ ବା ସଚ୍ଚିଦାନନ୍ଦ । ସଚ୍ଚିଦାନନ୍ଦ ହିଁ ଈଶ୍ୱର । ତେଣୁ ଈଶ୍ୱର ପ୍ରାପ୍ତି ହିଁ ଚରମ ପ୍ରାପ୍ତି । **ଈଶ୍ୱରପ୍ରାପ୍ତି ବୋଇଲେ ଐଶ୍ୱରୀୟ ଗୁଣାବଳୀରେ ବା ଐଶ୍ୱରୀୟ ଭାବରେ ନିଜକୁ ବିଭବ ମଣ୍ଡିତ କରିବା** । ଶ୍ରୀମଦ୍ ଭାଗବତରେ ବାଣୀଟିଏ ଅଛି, **'ମନୁଷ୍ୟ ଦେହେ ଦିବ୍ୟ ଜ୍ଞାନ । ଦେଖି ସନ୍ତୋଷ ଭଗବାନ ।।'**

ଦିବ୍ୟ ଜ୍ଞାନରେ ଆଲୋକିତ ମନୁଷ୍ୟର ପ୍ରକୃଷ୍ଟ ଧାର୍ମିକ ବା ଅଧ୍ୟାତ୍ମ ଜୀବନର ଅଧିକାରୀ ହୋଇଥାଏ । ସେତେବେଳେ ସେ ଚରମ ପ୍ରାପ୍ତି ହୁଏ । ମାତ୍ର, ସମସ୍ତ ମନୁଷ୍ୟ ଏହି ଚରମ ପ୍ରାପ୍ତିର ସନ୍ଧାନ ପାଇପାରି ନ ଥାନ୍ତି । ଯେଉଁମାନେ ବା ଏ ସନ୍ଧାନ ପାଇଁ ପ୍ରାପ୍ତି ନିମନ୍ତେ ସାଧନାରତ ଥାଆନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ ହୁଏତ ସିଦ୍ଧି ଲାଭ କରି ପାରନ୍ତି ନାହିଁ । ଏହାର ଅନେକ କାରଣ ମଧ୍ୟରୁ ପୂର୍ବଜନ୍ମର ସଂସ୍କାର ଅନ୍ୟତମ । ପୂର୍ବଜନ୍ମର କର୍ମାନୁସାରେ ଜୀବ ଦେହରେ କୋଷଗୁଡ଼ିକ ଏପରି ସଜ୍ଜିତ ହୋଇଥାଏ ଯେ, ପର ଜନ୍ମରେ ସେ ପୂର୍ବ ସଂସ୍କାର ଅନୁରୂପ କର୍ମ-ପ୍ରବାହରେ ଅଧିକରୁ ଅଧିକ ବେଗଗାମୀ ହୁଏ । ଏହି କର୍ମସ୍ରୋତ ତାହାକୁ ଚରମପ୍ରାପ୍ତି କରାଏ ବା ଚରମ ପ୍ରାପ୍ତିର ନିକଟତର କରେ ବା ଚରମପ୍ରାପ୍ତି ଠାରୁ ଦୂରେଇ ନିଏ । ଜୀବ ନିଜର ଅଜ୍ଞାତସାରରେ ପୂର୍ବଜନ୍ମର ସଂସ୍କାରରୁ ତଦନୁରୂପ ପଥର ପଥିକ ସାଜେ । ଏଥି ନିମନ୍ତେ ସଂସାରରେ ଜନ୍ମଲାଭ କରିଥିବା ବିଭିନ୍ନ ଜୀବର ଆକାର ଆକୃତି ପ୍ରକାର ପ୍ରକୃତି, ରୁଚି, ଅଭ୍ୟାସ, କର୍ମଧାରା, ଧର୍ମଧାରା ଇତ୍ୟାଦି ଭିନ୍ନ ଭିନ୍ନ ହୋଇଥାଏ ଓ ସେ ଭିନ୍ନ ପଥର ଯାତ୍ରୀ ହୁଏ ।

**''ତ୍ରିଗୁଣ ରଜ୍ଜୁ କରେ ଧରି, ମୃଗୀ ନଚାଏ ନରହରି''** । ଏହି ଭାଗବତ ବାଣୀଟିର ପ୍ରଚ୍ଛନ୍ନରେ ଏହି ଭାବ ହିଁ ପ୍ରଖ୍ୟାତ ହୋଇଅଛି । ସଂସ୍କାର ବଶରୁ ମନୁଷ୍ୟ ସତ୍ତ୍ୱ, ରଜ, ତମଗୁଣାପନ୍ନ ହୁଏ । ସଂସ୍କାର ଅନୁରୂପ ଗୁଣକର୍ମରେ ନିବିଡ଼ ଭାବରେ ନିୟୋଜିତ ହୋଇ ବିଧି ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ଅଗ୍ରସର ହୁଏ । କହିବାକୁ ଗଲେ ସେ ନିଜ ଆୟତ୍ତରେ ନ ଥାଏ । ଅଣାୟତ୍ତ ଜୀବ ଗାଈଟିଏ ପରି ଦଇବ ଦଉଡ଼ି ଦ୍ୱାରା ଓଟାରି ହୋଇ ଚାଲିଥାଏ । କଥାରେ କହନ୍ତି, **''ଦଇବ ଦଉଡ଼ି ମଣିଷ ଗାଈ, ଯେଣିକି ଓଟାରି ତେଣିକି ଯାଇ''** । ଜାଗତିକ କର୍ମଜଞ୍ଜାଳ ଗ୍ରସ୍ତ ମନୁଷ୍ୟ ବିଷୟାରସରେ ମଜ୍ଜିଯାଇ ସାଂସାରିକ କ୍ଷଣିକ ସୁଖଶାନ୍ତି ଆନନ୍ଦରେ ବିଭୋର ହୋଇ ପ୍ରେୟକୁ ଶ୍ରେୟ, ବିଷକୁ ଅମୃତ, ଦୁଃଖର କାରଣକୁ ସୁଖଭ୍ରାନ୍ତିରେ ଜ୍ଞାନ କରେ । ଫଳତଃ ବାସ୍ତବରେ ପାପ ପୁଣ୍ୟର ଭେଦାଭେଦ ଜ୍ଞାନରହିତ ହୋଇ ପ୍ରବୃତ୍ତି ମାର୍ଗରେ ପ୍ରଧାବିତ ହୁଏ । ଏତାଦୃଶ ଭ୍ରାନ୍ତ ମନୁଷ୍ୟ ଚରମପ୍ରାପ୍ତି ଲକ୍ଷ୍ୟ ଭ୍ରଷ୍ଟ ହୁଏ ବା ସଜ୍ଞାନରେ ଚରମ ପ୍ରାପ୍ତି ଲକ୍ଷ୍ୟ ହୁଏ ତ **ତା'ର ଅଲକ୍ଷ୍ୟରେ ରହିଯାଏ** । **ସୁଅ ମୁହଁରେ ପତର ପରି ସେ ଅଣାୟତ୍ତ ହୋଇ ଭାସିଚାଲେ** । କୂଳରେ ଲାଗିବା ନ ଲାଗିବା ନିମନ୍ତେ ସେ ବୀତସ୍ପୃହ । ସବୁ ଅବସ୍ଥାରେ ଭାଗ୍ୟବାଦୀ ହୋଇ ହୁଏତ ଏପରି ଲୋକ ନିର୍ବୋଧତାରୁ ପଚି ସଡ଼ି ଦୁଃଖର ଦାବାନଳରେ ଦଗ୍ଧୀଭୂତ ହୋଇ ଦୁଃସ୍ଥ ଜୀବନ ଯାପନ କରନ୍ତି । ଜନ୍ମ ଓ ଜୀବନକୁ ବ୍ୟର୍ଥ ମଣନ୍ତି ।

ପୂର୍ବ ଜନ୍ମ ଜନ୍ମାନ୍ତରର କର୍ମ ଅନୁଯାୟୀ ଜୀବ ଶରୀରରେ କୋଷଗୁଡ଼ିକ ସଜ୍ଜିତ ହୋଇ ଏ ଜନ୍ମର କର୍ମସୂଚୀ ନିୟନ୍ତ୍ରଣ କରନ୍ତି । ଏହି କୋଷଗୁଡ଼ିକ ମୁଖ୍ୟତଃ ଛଅ ପ୍ରକାର ଏବଂ ଏହି ଷଟ୍‌କୋଷ ଷଡ଼ରିପୁର କେନ୍ଦ୍ର ଅଟନ୍ତି, ଏଗୁଡ଼ିକ ମାନବ ଶରୀରର ଛଅ ସ୍ଥାନକୁ କେନ୍ଦ୍ର କରି ସଜ୍ଜିତ ହୋଇଥାଆନ୍ତି । ଏହି ଷଡ଼ସ୍ଥାନ ମାନବ ଶରୀର ଆଣ୍ଠୁ ଗଣ୍ଠି ( ପାଦର) କହୁଣି ଏବଂ ମସ୍ତକ । ସ୍ଥୂଳତଃ ଦୁଇପାଦ ଗଣ୍ଠି ( ୨ ), ଦୁଇଆଣ୍ଠୁ( ୨ ), ଦୁଇକହୁଣୀ( ୨ ), ନାସାଗ୍ର( ୧ ) ଏବଂ କପାଳ( ୧ ) -ଏହି ଅଷ୍ଟ ଅଙ୍ଗରେ କୋଷଗୁଡ଼ିକର କେନ୍ଦ୍ର ଅବସ୍ଥିତ । ଏହି କୋଷକେନ୍ଦ୍ରଗୁଡ଼ିକ ସମଗ୍ର ଶରୀର କୋଷଗୁଡ଼ିକୁ ନିୟନ୍ତ୍ରଣ କରନ୍ତି । ତଦନୁରୂପ କର୍ମ ପ୍ରବୃତ୍ତିରେ ମଣିଷ ପରିଚାଳିତ ହୁଏ । ଷଡ଼ରିପୁର ଉତ୍ପାତରେ ଅନେକ ଲୋକ ବ୍ୟତିବ୍ୟସ୍ତ ଓ ବିବ୍ରତ ହୋଇ ଅସ୍ଥିର ମନରେ କାଳାତିପାତ କରନ୍ତି । ଅସ୍ଥିରମନା ଲୋକେ ଯୋଗସାଧନାରେ ବ୍ରତୀ ହୋଇପାରନ୍ତି ନାହିଁ । ଫଳରେ ଚରମପ୍ରାପ୍ତି ପ୍ରତି ସଦା ଉଦାସୀନ ରହି ଭାଗ୍ୟବାଦୀ ହୁଅନ୍ତି ବା ଆଧ୍ୟାତ୍ମିକ ଜୀବନ ପ୍ରତି ବୀତସ୍ପୃହ ହୁଅନ୍ତି । ଶରୀରରେ ଥିବା କୋଷଗୁଡ଼ିକ ଯେପରି ନିୟନ୍ତ୍ରିତ ଓ ପରିଚାଳିତ ହୁଅନ୍ତି, ସେହିପରି ଅବସ୍ଥାରେ ଇଡ଼ା, ପିଙ୍ଗଳା ଓ ସୁଷୁମ୍ନାର ସଂଯୋଗ ବିଯୋଗ ହୁଏ ଏବଂ କୁଣ୍ଡଳିନୀ ସୁପ୍ତ, ଅର୍ଦ୍ଧଜାଗ୍ରତ ବା ଜାଗ୍ରତ ହୋଇଥାଏ । ଏ ସମସ୍ତ ପ୍ରକ୍ରିୟା ମାନବ ଶରୀରର ଅନ୍ତରରେ ଇନ୍ଦ୍ରିୟଗୁଡ଼ିକୁ କ୍ରିୟାଶୀଳ କରେ । କେତେକ ଲୋକେ ଇନ୍ଦ୍ରିୟ ପରବଶ ହୋଇ ଦୁଃସ୍ଥ ଜୀବନଯାପନ କରନ୍ତି ଓ ଜାଗତିକ ବିଜେନ୍ଦ୍ରିୟର ଅଧୀନସ୍ଥ ହୋଇ ଚରମ ପ୍ରାପ୍ତିଠାରୁ ଦୂରେଇ ରହନ୍ତି । ପୁଣି ଅନ୍ୟ କେତେକ ଇନ୍ଦ୍ରିୟାଧୀନ ନ ହୋଇ ସୁସ୍ଥ ଓ ସ୍ୱଚ୍ଛ ଜୀବନ ଲାଭ କରିବା ସହିତ ପାରତ୍ରିକ ସତ୍ୟେନ୍ଦ୍ରିୟ ଦ୍ୱାରା ପରିଚାଳିତ ହୁଅନ୍ତି । ସେମାନେ ଚରମ ପ୍ରତି ସଚେତନ ରହନ୍ତି ଓ କ୍ରମଶଃ ଏହି ଚରମପ୍ରାପ୍ତି ପଥରେ ଅଗ୍ରସର ହୁଅନ୍ତି ।

ବଦ୍ଧ ଜୀବକୁ ମୁକ୍ତ କରିବା ପାଇଁ ସାଧନ ମାର୍ଗରେ ପ୍ରାଣାୟାମର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହା ଯମ ସାଧନ ପର୍ଯ୍ୟାୟଭୁକ୍ତ । ଯମର ଅର୍ଥ ଯାହା ଯାତନା ଦିଏ । ପାଞ୍ଚ ମନ, ପଚିଶ ପ୍ରକୃତି, ଷଡ଼ ରିପୁ, ଏଗାର ଇନ୍ଦ୍ରିୟକୁ ନିୟନ୍ତ୍ରଣ ନିମନ୍ତେ ପ୍ରାଣାୟାମ ମାଧ୍ୟମରେ ଯମ ସାଧନ ଏକାନ୍ତ ଆବଶ୍ୟକ । **ପ୍ରାଣାୟାମର ଅର୍ଥ ପ୍ରାଣକୁ ସଂଯମ କରିବା ।** ଏହି ପ୍ରାଣାୟାମର ସୂତ୍ର ଛଅଗୋଟି ଯଥା : ଆସନ, ମୁଦ୍ରା, ମନ୍ତ୍ର, ଲୟ, ଧ୍ୟେୟ ଏବଂ ମନନ । ଅତୀବ ସହଜ ଓ ସରଳ ଭାବରେ ଏହି ପ୍ରାଣାୟାମ ଏବଂ ଯମ ସାଧନ ସାଷ୍ଟାଙ୍ଗ ପ୍ରଣାମ ଆସନ ଦ୍ୱାରା ସମାହିତ ହୋଇପାରେ । ପୂର୍ବକଥିତ ମାନବ ଶରୀରର ଅଷ୍ଟ ଅଙ୍ଗରେ ସମସ୍ତ ଶରୀରର କୋଷ ଗୁଡ଼ିକର କେନ୍ଦ୍ର ଅବସ୍ଥିତ ଥିବାରୁ ଅଷ୍ଟାଙ୍ଗ ଯୋଗ ସାଧନାର ସରଳୀକୃତ ଉପାୟ ସାଷ୍ଟାଙ୍ଗ ପ୍ରଣାମ ଆସନରେ ରହିଅଛି । ନିୟମିତ ସାଷ୍ଟାଙ୍ଗ ପ୍ରଣାମ ଆସନ ନିର୍ଭୁଲ ଭାବରେ ଅଭ୍ୟାସଗତ କଲେ ଯେକୌଣସି ମନୁଷ୍ୟ କୋଷଗୁଡ଼ିକୁ ଜୀବନକାଳ ମଧ୍ୟରେ ସାଧନ ବିଧି ଅନୁଯାୟୀ ନିୟନ୍ତ୍ରଣ କରିପାରିବେ ।

ବିଭିନ୍ନ ମନୁଷ୍ୟର ଜିନ୍ ବା ଗୁଣପିଣ୍ଡ ଭିନ୍ନ ଭିନ୍ନ । ଗୁଣପିଣ୍ଡ ବା ଜୀନ ଅନୁଯାୟୀ ଗୁଣସୂତ୍ର ଗଠିତ । ଏହି ଗୁଣ ସୂତ୍ର ଅନୁରୂପ ଗୁଣର ବିକାଶ ମନୁଷ୍ୟର କର୍ମ ପ୍ରବାହରେ ପ୍ରତିଫଳିତ ହୋଇଥାଏ । ଯେ କୌଣସି ବ୍ୟକ୍ତିର କର୍ମ ଧାରାରୁ ସେ କେଉଁ ଗୁଣବିଶିଷ୍ଟ, ତାହା ବେଶ୍ ଲକ୍ଷ୍ୟ କଲେ ବୁଝାଯାଏ । ମନ, ପ୍ରକୃତି, ରିପୁ ଓ ଇନ୍ଦ୍ରିୟକୁ ଏହି ଗୁଣପିଣ୍ଡଗୁଡ଼ିକ ପୁଷ୍ଟ ବା ଦୁର୍ବଳ କରିଥାଆନ୍ତି । ଛୟାଳିଶ ଗୋଟି ଗୁଣସୂତ୍ର ମଣିଷ କୋଷରେ ଥିବାର ବୈଜ୍ଞାନିକ ତଥ୍ୟ ଆବିଷ୍କୃତ ହୋଇ ସାରିଛି । ତେଣୁ ଭିନ୍ନ ଭିନ୍ନ ଜୀନ୍‌ର ବ୍ୟକ୍ତି ପାଇଁ ଭିନ୍ନ ଭିନ୍ନ ଆସନର ସାଷ୍ଟାଙ୍ଗ ପ୍ରଣାମ ବିଧି ଠାକୁର ଶ୍ରୀ ଶ୍ରୀ କେଶବଚନ୍ଦ୍ର ପ୍ରବର୍ତ୍ତନ କରିଅଛନ୍ତି । ସ୍ୱର୍ଣ୍ଣକ୍ଷେତ୍ରାଧିପତି ଠାକୁର ଶ୍ରୀ ଶ୍ରୀ କେଶବଚନ୍ଦ୍ରଙ୍କର ଏତାଦୃଶ ନବୀନ ପଦ୍ଧତି ସାମ୍ପ୍ରତିକ ସମୟରେ ଜାଗତିକ ଇନ୍ଦ୍ରିୟ ପରବଶ ବିଜେନ୍ଦ୍ରିୟ ଅଧୀନସ୍ଥ ଅସଂଖ୍ୟ ବଦ୍ଧ ଜୀବମାନଙ୍କୁ ମୁକ୍ତ ଏବଂ ଭକ୍ତ କରିବାରେ ସମ୍ପୂର୍ଣ୍ଣରୂପେ ଯୁଗୋପଯୋଗୀ । ଏତାଦୃଶ ସହଜ ସରଳ ପ୍ରକ୍ରିୟା ପରିଚାଳିତ ଆମର ଲକ୍ଷ୍ୟ ଚରମ ପ୍ରାପ୍ତି ହେବା ସମ୍ଭବ ଏବଂ ସ୍ୱାଭାବିକ ଭାବରେ ନିଃସନ୍ଦେହ ।

ବିଜେନ୍ଦ୍ରିୟ ପାଶରୁ ମୁକ୍ତ ହୋଇ ସତ୍ୟେନ୍ଦ୍ରିୟର ଅଧୀନ ହେଲେ ଆମର ଲକ୍ଷ୍ୟ ଚରମପ୍ରାପ୍ତ ହୁଏ । ଏଥିନିମନ୍ତେ ଗୁରୁସ୍ୱାମୀଙ୍କର ଅନୁଗତ ଭକ୍ତ ଏବଂ ବିଶ୍ୱସ୍ତ ହୋଇ ଗୁରୁକୃପାଶ୍ରୟୀ ହେବାକୁ ହିଁ ହେବ । ଥରେ ମାତ୍ର ଗୁରୁମୁଖୀ ହୋଇ ପାରିଲେ ଗୁରୁ ନିର୍ଦ୍ଦେଶିତ ପଥରେ ପରିଚାଳିତ ହେବାରେ ଅମୀୟ ଆନନ୍ଦ ମିଳିପାରିବ । ଏହି ଅମୀୟ ଆନନ୍ଦକୁ ପୁଣି ସ୍ଥାୟୀ ଭାବରେ ଉପଭୋଗ କରିବା ହିଁ ଆମର ଲକ୍ଷ୍ୟ । ଏଥିପାଇଁ ସ୍ଥାୟୀ ଭାବରେ ଗୁରୁମୁଖୀ ହେବାକୁ ହେବ । ଜୀବନ ଯାତ୍ରାର ସ୍ୱାଭାବିକ କର୍ମ ଝଞ୍ଜାଳକୁ ଗୌଣକରି ଗୁରୁ ବାକ୍ୟକୁ ମୁଖ୍ୟ ରୂପେ ଗ୍ରହଣ କରିବା ଦ୍ୱାରା ଆମର ଲକ୍ଷ୍ୟ ସାଧିତ ହେବ । ଏଥି ନିମନ୍ତେ ସଂସାର ତ୍ୟାଗର ଆବଶ୍ୟକତା ରହିଲା କେଉଁଠି ? ପରିବାରର ପରିସର ମଧ୍ୟରେ ସମାଜ ମଧ୍ୟରେ ସ୍ୱାଭାବିକ ମଣିଷ ଭଳି ଜୀବନ ଯାତ୍ରା ନିର୍ବାହ ସହିତ ସ୍ଥାୟୀଭାବରେ ଗୁରୁମୁଖୀ ହୋଇ ସବୁ କର୍ମବ୍ୟସ୍ତତା ମଧ୍ୟରେ ଗୁରୁ ପ୍ରଦତ୍ତ ସାଧନ ମନ୍ତ୍ର ଜପ ଓ ମନନକୁ ମୁଖ୍ୟ ସ୍ଥାନରେ ରଖିବାର ଅସୁବିଧା ନାହିଁ । ଅବଶ୍ୟ ପ୍ରାଥମିକ ଅବସ୍ଥାରେ ଏହା ଅସୁବିଧାଜନକ ବୋଧ ହୋଇଥାଏ । ମାତ୍ର ଅଭ୍ୟାସ ଯୋଗରୁ ଧୀରେ ଧୀରେ ଏହା ସ୍ୱାଭାବିକ ଓ ସୁବିଧାଜନକ ବୋଧହୁଏ । ଆବଶ୍ୟକ କେବଳ ଧୈର୍ଯ୍ୟ, ନିୟମିତ ଅଭ୍ୟାସ ଏବଂ ଆନନ୍ଦ ଓ ସନ୍ତୋଷର ସହିତ ଗୁରୁବାକ୍ୟ ପାଳନ ।

ପ୍ରାଥମିକ ସ୍ତରରେ ଆମର ଲକ୍ଷ୍ୟ - ''ଚରମ ପ୍ରାପ୍ତି'' ପ୍ରତି ଅଗ୍ରସର ହେବା ପାଇଁ ଯେ କୌଣସି ବ୍ୟକ୍ତି ନିମନ୍ତେ ଏହା ହିଁ ପ୍ରକୃଷ୍ଟ ଉପାୟ ।

**ଆଶ୍ରିତ**

**ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ଓଁ**

**ଆକାର ଦୀପ, ଛେଦରେ ପାପ ।**
**ବିଷକୁ ଛାଡ଼ି ପୀୟୁଷ ମାପ ॥**

**ସହଜ ପଥ ନୁହଁରେ ଦୂର ।**
**ବିଷ ବନ୍ଧନେ ହୁଏ ଉନ୍ଦୁର ॥**

ଦୁଃଖ ଶୋକରୋଗ ସମସ୍ୟାମାନ ।
ପାଦ ତଳେ କରି ଉତ୍‌ଥାପନ ॥
ମୀମାଂସାକୁ ରୁହ ଅପେକ୍ଷା କରି ।
ତେବେ ସିନା ଗତି ପଥକୁ ଧରି ॥

# ଭକ୍ତି ପୁଷ୍ପାଞ୍ଜଳି

*ପ୍ରଭୁପାଦ ଗୁରୁସ୍ୱାମୀ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର ୩୯ ତମ ଶୁଭ ଆବିର୍ଭାବ ତିଥିରେ ପ୍ରଫେସର ବନ୍ଧୁ ଶ୍ରୀଯୁକ୍ତ ସଦାନନ୍ଦ ରାମାନୁଜ ଦାସ ମହାଶୟ ନିଜ ହୃଦୟର ''ଭକ୍ତି ପୁଷ୍ପାଞ୍ଜଳି'' ଶ୍ରୀ ଶ୍ରୀ ଠାକୁରଙ୍କର ଶ୍ରୀ ଚରଣାରବିନ୍ଦରେ ନିବେଦନ କରନ୍ତି । ଆଜିବି ସ୍ମୃତିରେ ତାହା ସତେଜ । ପବିତ୍ର ଇନ୍ଦୁପୂର୍ଣ୍ଣିମା (ତା୩୦।୦୯।୯୩ରିଖ) ତିଥିରେ ବଂଧୁଙ୍କ ନିବେଦିତ '' ଭକ୍ତି ପୁଷ୍ପାଞ୍ଜଳି'' ଶ୍ରୀ ଶ୍ରୀ ଠାକୁର ଗ୍ରହଣ କରନ୍ତି ।*

*ପ୍ରଫେସର ବଂଧୁ ଉତ୍କଳ ବିଶ୍ୱ ବିଦ୍ୟାଳୟ, ବାଣୀବିହାରରୁ ଅବସର ଗ୍ରହଣପରେ ଋଷିକେଶର ଯୋଗବେଦାନ୍ତ ଆରଣ୍ୟକ ଗୁରୁକୁଳରେ ଅଧ୍ୟାପନା ରତ ଥିବା ସହିତ ''ମାଦଳା ପାଞ୍ଜି'' ଉପରେ ଗବେଷଣା ରତ ଥିବା ଅବସରରେ ପ୍ରଭୁଙ୍କର ମର୍ତ୍ତ୍ୟାବତରଣ ସମ୍ବନ୍ଧରେ ଜ୍ଞାତ ହୋଇ ପ୍ରଭୁଙ୍କର ସ୍ଥୂଳ ନରନାରାୟଣ ରୂପ ଦର୍ଶନ କରିବା ନିମନ୍ତେ ସ୍ୱର୍ଣ୍ଣ କ୍ଷେତ୍ରକୁ ଆସନ୍ତି । ଏହି ପ୍ରଥମ ଦର୍ଶନରୁ ହିଁ ସେ ଭାବ ଡୋରିରେ ବନ୍ଧା ହୋଇ ରହିଛନ୍ତି ।*

ହେ ଅଜନ୍ମା !

ହେ ସନାତନ !

ହେ ଶାଶ୍ୱତ !

ଚିରନ୍ତନର ତ ଜନ୍ମ ନ ଥାଏ । ତଥାପି ଏ ଅମାନିଆ ମଣିଷ, ତୁମରି ଜନ୍ମସ୍ମାରକୀ ପାଳିବାକୁ ଉନ୍ମତ୍ତ । ଆବିର୍ଭାବକୁ ଜନ୍ମବୋଲି ବିଶ୍ୱାସ କରି ତୁମରି ସେ ଯୁଗଯୁଗାନ୍ତର ବାଣୀ ''ତଦାତ୍ମାନଂ ସୃଜାମ୍ୟହମ୍'' କୁ ''ସମ୍ଭବାମି'' ଉକ୍ତିର ପ୍ରକୃତ ଅର୍ଥ ଗ୍ରହଣ କରିବାକୁ ନାରାଜ । ମଣିଷର ଏପରି ଅବୁଝାମଣାରେ ତୁମେ ହସୁଥାଅ ନା କ୍ଷୁବ୍ଧ ହୁଅ ?

ହେ କ୍ଷମାସାଗର ଏପରି ଅମାନିଆପଣକୁ ତୁମେ କ୍ଷମାକର ନାହିଁ ? ବୁଝାଇ ଦିଅ ନାହିଁ ?

କୃପାନିଧି ! ତୁମେ ବାରମ୍ବାର ମର୍ତ୍ତ୍ୟମଣ୍ଡଳକୁ ଓହ୍ଲାଇ ଆସ ଏହି ଭରସାରେ, ଆଶ୍ୱାସନାରେ ପାଗଳ ମଣିଷ ଆଜି ନାଚିବ, ଗାଇବ, ଆନନ୍ଦମୁଖର ହେବ । ହେ ଆନନ୍ଦମୟ ! ତୁମେ ଏଥିରେ ଆନନ୍ଦମଗ୍ନ ହୁଅନା ? ମଣିଷ ଜାତି ସହିତ ନାଚିବାକୁ ଆପଣଙ୍କ ଇଚ୍ଛା ହୁଏନା ? ଇଚ୍ଛାମୟ ପରା ତୁମେ ? ଆନନ୍ଦପାଗଳ ମଣିଷର ପାଗଳାମି ତୁମକୁ ଭଲ ଲାଗେତ ?

ଘନାୟମାନ ଅନ୍ଧତମିସ୍ରାରୁ ଏ ଯୁଗ ସନ୍ଧିକାଳରେ କିଏ ସେ ଆଶାର ଆଲୋକବର୍ତ୍ତିକା ଦେଖାଇବ ? କିଏ ଆଶ୍ୱାସନା ଦେବ ? ଭରସା ଦେବ । ''ମାଳିକା''ର ଭବିଷ୍ୟବାଣୀରେ ତ୍ରସ୍ତ ମାନବକୁ ଅଭୟ ଦାନ ଦେଇ କିଏ ସେ କହିବ **"ମା ଭୈଃ !"**

କୁରୁକ୍ଷେତ୍ରର ରଣାଙ୍ଗନରେ ମୋହଗ୍ରସ୍ତ ସନ୍ଦିଗ୍ଧମନା ପାର୍ଥଙ୍କୁ ନିର୍ଭୟ ଦେଇ କହିଥିଲ ପରା 'କ୍ଲୈବ୍ୟଂ

ମାମ୍ଳଗମଃ'' ''ଉତ୍ତିଷ୍ଠତ ! ଜାଗ୍ରତ ! ପ୍ରାପ୍ୟ ବରାନ୍ ନିବୋଧତ ।'' ''ତସ୍ମାଦ୍ ଉତିଷ୍ଠ କୌନ୍ତେୟ ! ଯୁଦ୍ଧାୟ କୃତନିଶ୍ଚୟଃ'' । ଠିକ୍ ସେହିପରି ଆଜିର ଏ ଭୀତତ୍ରସ୍ତ ମଣିଷ ଜାତିକୁ ଥରେ ଚେତାଇ ଦେବନି ? ହେଃ ସନ୍ଦିଗ୍ଧମନା ରଥୀ ! ତୁମ ଜୀବନ ଯୁଦ୍ଧରେ ସାରଥୀ କିଏ ? କିଏ ତୁମ ଜୀବନରଥର ଚାଳକ ? ମାର୍ଗ ନିର୍ଦ୍ଦେଶକ ? ଅସଂଖ୍ୟ ନାରାୟଣୀସେନା ନା ନିଶସ୍ତ୍ର ଶ୍ରୀକୃଷ୍ଣ ମଧ୍ୟରେ କାହାର ସହାୟତା ଆବଶ୍ୟକ ? ଅର୍ଜ୍ଜୁନ ପରି ତୁମ ଜୀବନ ଯୁଦ୍ଧରେ ମୋତେ ସାରଥୀ କରିବ କି ? ମୋ ମାର୍ଗ ନିର୍ଦ୍ଦେଶକୁ ମାନିବ କି ? ମୋ ବାଟରେ ଚାଲିବ କି ?

ତୁମର ଏ ନିର୍ଭୟ ପ୍ରଶ୍ନରେ ସନ୍ଦେହୀ ମଣିଷ କ'ଣ କହୁଥାଉ ପଛେ - ତୁମରି ମର୍ତ୍ତ୍ୟାବିର୍ଭାବରେ ''ଆନନ୍ଦପାଗଳ'' ସଦ୍ଗୁ ପଚାରୁଛି - ''ହେ ଚିର ସାରଥୀ ! ତୁମେ ମୋ ଜୀବନ ନନ୍ଦିଘୋଷର ସାରଥୀ ହେବାକୁ ରାଜି ତ ? ଏ ଅକିଞ୍ଚନ, କୁରୁକ୍ଷେତ୍ରର ପାର୍ଥପରି ମହାବୀର ନ ହେଲ ବି ସନ୍ଦିଗ୍ଧମନା, ଭୀରୁ ନୁହେଁ ।

ଶିଷ୍ୟସ୍ତେଽହଂ ଶାଧି ମାଂତ୍ୱାଂ ପ୍ରପନ୍ନମ୍ ? ମୁଁ ତୁମର ଅନୁଗତ ଶିଷ୍ୟ ପରା ? ''କରିଷ୍ୟେ ବଚନଂ ତବ'' **ତୁମର ଆବିର୍ଭାବର ୩୯ତମ ପବିତ୍ର ସ୍ମାରକୀ ଦିବସରେ ଅଳି କରୁଛି,** ଆନନ୍ଦମୟଙ୍କ ଅମୃତଝରା, ଅଧରରୁ ଝରି ଆସୁ ''ତଥାସ୍ତୁ, ତଥାସ୍ତୁ, ତଥାସ୍ତୁ'' ରୂପୀ ଆଶିଷ ଧାରା । ସବୁଦିନ ପରି ମୌନ ନ ରହି, ଖୋଲି ଦିଅ ତୁମ କୃପାର ଝୁଲି । ଝୁଲିରୁ ଖସି ଆସୁ ଅସଂଖ୍ୟ ଆଶ୍ୱାସନା । ଅମୂଲ୍ୟ ମଣିମୁକ୍ତାରୂପୀ ପାବନ ଉପଦେଶାମୃତ ଏ ହତାଶ ମଣିଷଜାତି ପାଇଁ, ତୁମ କୃପା, କଟାକ୍ଷରେ ଧନ୍ୟ ହେଉ ମଣିଷଜାତି ।

ତୁମରି 'ସଦ୍ଗୁ'

ଇନ୍ଦୁ ପୂର୍ଣ୍ଣିମା, ତା ୩୦ । ୦୯। ୧୯୯୩

✪●✪



ଛଳନା ମତି ନକର ତୁହି ।
ଧାରଣା ଦିଅ ଗୁରୁଙ୍କ ଚାହିଁ ॥

କାମିନୀ କାଞ୍ଚନ ମୋ ? ନ ଛାଡ଼ି ।
ସିଦ୍ଧିପାଇଁ କିଆଁ ଆସୁଛୁ ମାଡ଼ି ॥



# ବନ୍ଦେ ମହାପୁରୁଷ !

# ତେ ଚରଣାରବିନ୍ଦମ୍ !!

## ''ଚରମ'' ପତ୍ରିକା ସମ୍ପର୍କରେ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଭବିଷ୍ୟବାଣୀ

*ଉତ୍କଳବ୍ୟାସ ସାରଳା ଦାସଙ୍କ ସର୍ବଧର୍ମ ସମନ୍ୱୟ ସାହିତ୍ୟ ଏବଂ ପଞ୍ଚସଖାଙ୍କର ଓଡ଼ିଶୀ ବୈଷ୍ଣବ ତନ୍ତ୍ରମୂଳକ ସାହିତ୍ୟରେ ରସାତ୍ମକ ଜ୍ଞାନମିଶ୍ରା ଭକ୍ତିର ଶୁଦ୍ଧ ଫଲ୍ଗୁଧାରା ସ୍ପଷ୍ଟତଃ ପ୍ରତି ପାଦିତ । ପଞ୍ଚସଖା ବୈଷ୍ଣବମାନଙ୍କ ମଧ୍ୟରେ ଅନ୍ୟତମ ଅଚ୍ୟୁତଙ୍କ ଜନ୍ମ ୧୫୦୨ ଖ୍ରୀଷ୍ଟାବ୍ଦ । ତାଙ୍କ ଜନ୍ମ ସ୍ଥାନ ନିରୂପଣ ସମ୍ପର୍କରେ ପଣ୍ଡିତ ଗବେଷକ ମାନଙ୍କର ଦ୍ୱିମତ ଥିଲେ ହେଁ ତାଙ୍କର ଖଣ୍ଡିତ ଜ୍ଞାନ ସମ୍ପର୍କରେ ସମସ୍ତେ ଏକମତ । ସିଦ୍ଧ ମହାପୁରୁଷ ଅଚ୍ୟୁତଙ୍କର ବହୁଗ୍ରନ୍ଥ ଏଯାବତ୍ ଅପ୍ରକାଶ୍ୟ ହୋଇ ରହିଛି । ଓଡ଼ିଆ ସାହିତ୍ୟ ଓ ଇତିହାସର ଗବେଷକ ପଣ୍ଡିତମାନଙ୍କର ଗବେଷଣା ସାପେକ୍ଷ । ମହାପୁରୁଷ ଅଚ୍ୟୁତଙ୍କର ଅଧ୍ୟାତ୍ମ ଚିନ୍ତା ସାମ୍ପ୍ରତିକ ଜନ ଚେତନାରେ ପ୍ରକଟ କରିବା ସହିତ କେତେକ ଅପ୍ରକାଶିତ ରଚନାର କିୟଦଂଶ 'ଚରମ' ପୃଷ୍ଠାରେ ପ୍ରକାଶ କରି ସିଦ୍ଧପୁରୁଷଙ୍କର ସାଙ୍କେତିକ ଭାଷାରେ ଯଥାର୍ଥ ଆଧ୍ୟାତ୍ମିକ ଅର୍ଥ ନିର୍ଦ୍ଦେଶ କରାଯିବା ଦାୟିତ୍ୱ 'ଚରମ' ସମ୍ପାଦନା ପ୍ରାରମ୍ଭରୁ ବହନ କରିବାର ପ୍ରତିଶ୍ରୁତି ଦେଇଛି ।*

ଏହି ପାଖୁଡ଼ାରେ ଅଚ୍ୟୁତଙ୍କ ମହାଭବିଷ୍ୟ ଗ୍ରନ୍ଥ-୬ଷ୍ଠ ଖଣ୍ଡର ୧୭/୧୮ ପୃଷ୍ଠାରୁ ଉଦ୍ଧୃତ ଅଂଶ ପତ୍ରସ୍ଥ ହୋଇଛି ।

ନିରାକାର କହୁଛନ୍ତି ଅଚ୍ଛୁତି ମୁଖ ଚାହିଁ ।
ଗୁପତ କଥାଟି ତୋତେ କହୁଛି ବୁଝାଇ ॥୧॥

ପୁରୁଷ ଜନମ କଥା ପଚାରୁଛ କେତେ ।
ମୂରୁଖଜନଙ୍କ ଆଗେ ନ କହିବୁ ଯେତେ ॥୨॥

ପଣ୍ଡିତ ଜନଙ୍କୁ ତୁହି କହିଲେ ବୁଝାଇ ।
ଜାଣିଥା ଅଚ୍ଛୁତି ତୋତେ କରିବେଟି ଚାହି ॥୩॥

ମହୁରା ଶାସନ ନାମ ମାହାଙ୍ଗା ଯେ ଘର ।
ବ୍ରହ୍ମ ଅଣ ଅକ୍ଷରରୁ କେଶବଙ୍କ ଘର ॥୪॥

ପିତା 'ଇ' କାରରୁ ଅଣ ଅକ୍ଷରୁ ଝରୁଛି ।
ଗୁପତରେ କେଶବ ଯେ ଲୀଳା କରୁଅଛି ॥୫॥

ଶବଦ ସୂତ୍ରର ନାଦରୁ 'ଚରମ' ଖସିବ ।
ଅକ୍ଷର ତାରକ ବ୍ରହ୍ମ ସଦା ଜପୁଥିବ ॥୬॥

ଏକରୁ ଅକ୍ଷର ଖସି ଅନେକ ଯେ ହେବ ।
ବହୁମାତ୍ରା ଅକ୍ଷରରୁ କ୍ଷରଟି ଝରିବ ॥୭॥

''ଚରମ'' ସୁଧା ବାରତା କାଗଜରେ ହେବ ।
ଅଚ୍ଛୁତି ଜାଣିଥା ମୋର ଗୁପତ ଦରବ ॥୮॥

ଖଣ୍ଡ, ତସକର, ଚୋର, ଟାଉଟର ମେଣ୍ଟ ।
ବଡ଼ ବଡ଼ କଥା କହି, ମାରୁଥିବେ ଅଣ୍ଟ ॥୯॥

ମଉନେ ରହି କେଶବ, ଦେଖୁବ ଭିଆଣ ।
ମେଣ୍ଟ ଦେଖି ଆଜ୍ଞା ଦେବେ 'ଚରମ'କୁ ଜାଣ ॥୧୦॥

ଜ୍ଞାନ ବିଜ୍ଞାନ ଚରଚା, ନାଗାନ୍ତ ଯେ ଲେଖା ।
ଯୋଗାନ୍ତ ବେଦାନ୍ତ କଥା ସିଦ୍ଧାନ୍ତକୁ ଦେଖା ॥୧୧॥

ମରତେ ଖସିବ ଆସି ''ଚରମ'' ତା ନାମ ।
ଅକ୍ଷରୁଁ ଆସିବ କ୍ଷର ଅଚ୍ଛୁତି ତୋ କାମ ॥୧୨॥

ଶୂନ୍ୟରେ ଦେଖୁବୁ ରହି ସୂକ୍ଷମର ବାଣୀ ।
ଜଗତେ ବାଜିବ ବାଜା, ଦେଖୁବୁରେ ଗଣି ॥୧୩॥

ଅନ୍ତକଳି ଠାରେ ଅଛି, କାଗଜ ଆସିବ ।
ତସକର ଦଳ କାଗଜକୁ ଭିଆଇବ ॥୧୪॥

କାଗଜ ଉପରେ ନାମ ''ଚରମ''ଟି ଥିବ ।
ଶୂନ୍ୟରେ ରହି ଅଛୁତି କାମନା ପୂରିବ ॥୧୫॥

ନୂଆ ନୂଆ ଶବ୍ଦ ଭେଦି ଆସିବଟି କଥା ।
ଜଗତେ ଘୁରିବ ମୁଣ୍ଡ ଜାଣିଥାଟି ବ୍ୟଥା ॥୧୬॥

ମନ ମୁନଦେଇ ଶୁଣୁଥାଅ ମୋ କଥାଟି ।
'ଜ୍ଞାନାଞ୍ଜନ' ମୁକତ ରଖିବୁ ତୁ ସାଇତି ॥୧୭॥

ବେଳଥାଉଁ ଅଣାକ୍ଷର ଭଜନ କରିବୁ ।
ତେବେ ତୁ ପାଇବୁ ବ୍ରହ୍ମବଟେ ଭେଟିଥିବୁ ॥୧୮॥

ସେଇଠାରେ ''ଚରମ'' ଯେ ପୂଜା କରାଯିବ ।
ଅଣସୂତ୍ରନାଦ ତ୍ରିଯାମାଟାକ୍ଷର ଥିବ ॥୧୯॥

ଏକାକ୍ଷର କାଳ ସୌଷ୍ଠବେକ ଘଟିକା ।
ସୂତ୍ରାଦି ଦିବସବେଳେ ଏକୋନବିଂଶ କଣିକା ॥୨୦॥

ତ୍ରିସୂତ୍ରାଦି ଗୁଣିବାକୁ ପଦିକା ମାଠିବୁ ।
ବାରଅଣା ତେରପଦି ଦୋପଇସି ନବୁ ॥୨୧॥

ପନ୍ଦରଣା ପାହୁଲାଟି ଥୋଇବୁ ତ୍ରିକୂଟେ ।
ସେତେବେଳେ କେଶବକୁ ଲାଖିବୁ ଆକଟେ ॥୨୨॥

ଧ୍ରୁବ ବତୀ ଜଳାଇବ, ସପ୍ତ ଲୋକ ଜାଣି ।
'ଚରମ' ଆସିବ ବାଣାସୁର ଦେବଠାଣି ॥୨୩॥

ମଉଜ ଶଉଚ ମଜଲିସିରେ ଏ ଗତି ।
ଭଲା ପାଗଳ ପାହୁଲା କିସ କରିବ ଅଛୁତି ॥୨୪॥

## ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଭବିଷ୍ୟବାଣୀରେ ପ୍ରଯୁକ୍ତ ରହସ୍ୟାତ୍ମକ ଅବୋଧ୍ୟ ଶବ୍ଦାବଳୀର ଅର୍ଥ

| | | | |
|---|---|---|---|
| ୧. | ପୁରୁଷ କଥା | - | କେଶବଙ୍କ କଥା |
| ୨. | ପିତା 'ଳ' କାର | - | 'ଜୟାଙ୍କ'ର ୧୬ ସୂତ୍ରରୁ 'ଯ' ସୂତ୍ର ଏବଂ 'ସ' ସୂତ୍ର । 'ଯ' ରୁ ଯଦୁନାଥ, 'ସ' ରୁ ସୁକାନ୍ତି । |
| ୩. | ଶବଦ ସୂତର ନାମ | - | ନାଦ ବ୍ରହ୍ମ |
| ୪. | ଅକ୍ଷର ତାରକ ବ୍ରହ୍ମ | - | ମହାମନ୍ତ୍ର |
| ୫. | ଏକାକ୍ଷର | - | ଓଁ କାର |
| ୬. | କ୍ଷର | - | ଅ,ଆ, ଇ, ଈ, ଉ, ପ୍ରଭୃତି କ୍ଷ ପର୍ଯ୍ୟନ୍ତ |
| ୭. | ନାଗାନ୍ତ | - | ନାଗର ଅନ୍ତିମ ଭାଗ,କାଳ ସର୍ପର ଅନ୍ତିମ ଭାଗ ଗ୍ରହ ଦ୍ୱାରା ମହାକାଳସୂତ୍ର ଭୋଗ । |
| ୮. | ବହୁମାତ୍ରାକ୍ଷର | - | ବିଭିନ୍ନ ଅକ୍ଷର ଯୋଗ କରି ବହୁ ମାତ୍ରାକ୍ଷର ଦେଇ ଯେଉଁ ବାକ୍ୟ ଆସେ । |
| ୯. | ବ୍ରହ୍ମଅଣାକ୍ଷର | - | ହ୍ରୌଂ, କ୍ରୌଂଃ, ଶ୍ରୌଂଃ । |
| ୧୦. | ଯୋଗାନ୍ତ | - | ଯୋଗର ଅନ୍ତ । ବ୍ୟକ୍ତ ବ୍ରହ୍ମ |
| ୧୧. | ବେଦାନ୍ତ | - | ବେଦର ଅନ୍ତିମଭାଗ, ଉପନିଷଦ୍‌ରେ ବ୍ରହ୍ମତାରକ ମନ୍ତ୍ର, ମହାମନ୍ତ୍ର ୧୦୮ ଧ୍ୱନି । |
| ୧୨. | ସିଦ୍ଧାନ୍ତ | - | ସିଦ୍ଧିର ଅନ୍ତ ତପୋମଣ୍ଡଳକୁ ବୁଝାଏ । ଶିବଙ୍କ ସୃଷ୍ଟି ଏହି ମଣ୍ଡଳରୁ ହୋଇଛି । |
| ୧୩. | ସୂକ୍ଷ୍ମର ବାଣୀ | - | 'ଚରମ'ର ବାଣୀ । ଅବ୍ୟକ୍ତର ବାଣୀ । |

| | | |
|---|---|---|
| ୧୪. ଜ୍ଞାନାଞ୍ଜନ | - | ଜ୍ଞାନର ଉପଦେଶକୁ ଅଞ୍ଜନ କୁହାଯାଏ । |
| ୧୫. ଅଣସୂତ୍ର ନାଦ | - | ଓଁକାର ଉତ୍ପତ୍ତି ଅବ୍ୟକ୍ତ ସ୍ଥାନରୁ । |
| ୧୬. ତ୍ରିଯାମାଟାକ୍ଷର | - | ଏକଯାମା - ମା । ଦ୍ୱି ଯାମା - ହା । ତ୍ରି ଯାମା - ଙ୍ଗା । |

ପୀତବିଷ୍ଣୁକଳ୍ପରେ ଯେତେବେଳେ ଅବ୍ୟକ୍ତରୁ ବ୍ୟକ୍ତ ହେଲା, ବିଶ୍ୱସ୍ରଷ୍ଟା 'ଯାମାଟା' ମୁନିଙ୍କ ଦ୍ୱାରା ସପ୍ତଲୋକରେ କାଳ ସୃଷ୍ଟି କରାଇଲେ । ସେ କାଳରେ ତିନୋଟି ଅକ୍ଷର 'ମ' 'ହ' 'ଙ୍ଗ' ଅକ୍ଷରରୁ ଆକାର ଯୋଗ ହୋଇ ମାହାଙ୍ଗା କ୍ଷରିଲା, ଯାମାଟା ଋଷି କଳିଯୁଗର ଲୀଳା ଦର୍ଶନ ପାଇଁ ବର ମାଗିଥିଲେ ।

| | |
|---|---|
| ବ୍ରହ୍ମବଟ | ବ୍ରହ୍ମ ଆବିର୍ଭାବ ସ୍ଥାନ, ମାହାଙ୍ଗା । |
| ଏଁକାକ୍ଷର କାଳ | ଓଁ କାର କାଳ । |
| ସୌଞ୍ଚବେଳ ଘଟିକା | ଲୀଳା ବିଧୃତ କଳେବର ଚାରିଯୁଗକୁ ସୌଞ୍ଚବେଳ ଘଟିକା କୁହନ୍ତି । ସୌଞ୍ଚଋଷି ବରପ୍ରାର୍ଥନା କରିଥିଲେ ୪ ଯୁଗର ସୃଷ୍ଟି ପାଇଁ । ଉଦ୍ଘାଟନ ଦିବସକୁ ବୁଝାଏ । |
| ସୂତ୍ରାଦି ଦିବସ | 'ଚରମ'ର ସୂତ୍ର ଆଦିମୂଳ 'ସନାତନ' ଥିଲା, ଅଛି, ଥିବ । ଅର୍ଥାତ୍ ଶାଶ୍ୱତ ସନାତନ ଧର୍ମ । |
| ଏକୋନବିଂଶ କଣିକା | ୨୦-୧=୧୯ । ବ୍ରହ୍ମାଙ୍କର ସୌଞ୍ଚ ମଣ୍ଡଳରେ ୩୦ ଦିବସ ସମୟେ ୧ ଲିତା ସୂକ୍ଷ୍ମ ଲୀଳା ଭୋଗହୁଏ । ଆଦି ଜଗତର ସୂତ୍ର ତ୍ରିସୂତ୍ର, ତ୍ରିଗୁଣ = ୩୦x୩=୯୦+୩=୯୩ । ଇଂରାଜୀ ସନ୍ ୧୯୯୩ ମସିହା । |
| ତ୍ରିସୂତ୍ରାଦି ଗୁଣନ | ତ୍ରି ଅର୍ଥ ୩ ସୂତ୍ର ଆଦି ସୃଷ୍ଟି ଆରମ୍ଭରୁ ବ୍ରହ୍ମା, ବିଷ୍ଣୁ, ମହେଶଙ୍କୁ ସୂତ୍ର ଆଦି କୁହାଯାଏ । ୩ x ୩ =୯ ଅର୍ଥାତ୍ ତାରିଖ ୯ (ଇଂରାଜୀ ମତରେ) |
| ପଦିକା ମାଠିବା | 'ପଦି' ମୁନିଙ୍କ ସ୍ତ୍ରୀ ଚୈତକ ପୁତ୍ର କୌଳକ । କୌଳକ ବ୍ରହ୍ମାଙ୍କ ଅଭିଶାପରୁ ସତ୍ୟଯୁଗ ପୂର୍ବର କଳ୍ପରେ କାଳ ଭୋଗ କରୁଥିଲେ ''ଶନି'' ନାମରେ । ପଦି ମୁନି ହେଉଛନ୍ତି ବ୍ରହ୍ମାଙ୍କ ମାନସ ପୁତ୍ର । ଶନିଙ୍କର ଅନ୍ୟନାମ କୌଳକ । ଶନିବାର । |
| ବାରଅଣା ତେରପଦି | ବାରଅଣା କଳ୍ପସୂତ୍ର ଭୋଗରେ ପୁନର୍ବସୁ ନକ୍ଷତ୍ର ୪୧ ଦଣ୍ଡ ୨୩ ଲିତା ଉନ୍ମୀଳନ ବେଳା ସୂକ୍ଷ୍ମଚନ୍ଦ୍ର ଦିନାର୍ଦ୍ଧ ଗତେ ମୁଦ୍ରା ଉଦ୍‌ଘାଟନ କାଳ । ଦିବା ଘ ୧।୩୭ ମିନିଟ୍ ସମୟରେ ମୁଦ ଖୋଲିବା ସମୟ । |

| | |
|---|---|
| ଦୋ ପଇସି | ଦୂତୀ ବାହନଙ୍କ ପୂଜାଦିନ । |
| ପନ୍ଦରଣା | ୧୫ x ୨ = ୩୦ ଲିୟଦ୍<br>୧ କୁଟକ, ୨ ଲିୟଦ୍<br>୩ କୁଟକ x ୨ = ୬<br>୩୦-୬ = ୨୪ ଲୟ - ଅର୍ଥାତ୍ - କନ୍ୟାମାସ । |
| ତ୍ରିକୁଟେ | କଳ୍ପଚକ୍ର, ସଂକଳ୍ପ ଚକ୍ର, ବିକଳ୍ପ ଚକ୍ର । ୧-ଅଗ୍ନିକୂଟ, ୨-ସମ୍ନିକୂଟ, ୩-ଇମ୍ନିକୂଟ । ଅଗ୍ନିକୂଟ ସଂଖ୍ୟା ୩ ଅର୍ଥାତ୍ ୩୦-୬ = ୨୪ ଲୟ । ଅର୍ଥାତ୍ ଆଶ୍ୱିନ ୧୭ ଦିନ । |
| ଆକଟେ ଲାଖିବା | କାଇଦାରେ ଧ୍ୟାନ କରିବା |
| ଧ୍ରୁବବତୀ ଜଳାଇବା | ଧ୍ରୁବସତ୍ୟ ରୂପେ ସଂକଳ୍ପ କରିବା |
| ବାଣାସୁର | ପାଞ୍ଚର ଅନ୍ୟନାମ ବାଣ । ପାଞ୍ଚଅଣା ଭୋଗ ହୋଇ ଅଣାଏ ବିୟୋଗ ହେବ । ବାଣାସୁର = କୈବଲ୍ୟ ମଣ୍ଡଳର ନାମ ''କନ୍ୟାଶ୍ୱିନ'' । କନ୍ୟାଶ୍ୱିନ ମଣ୍ଡଳ ହେଉଛି ବାଣାସୁର ମଣ୍ଡଳ । ଅର୍ଥାତ୍ କନ୍ୟାରାଶି ଆଶ୍ୱିନ ମାସରେ । |
| ଠାଣି | ନକ୍ଷତ୍ରର ନାମକୁ ଠାଣି କୁହାଯାଏ । |
| ମଉଜ, ଶଉଚ, ମଜଲିସି | ସଦ୍ ଚିନ୍ତାରେ ବୁଡି ରହି ଆନନ୍ଦିତ ହେବା । ସଦ୍ ଚିନ୍ତାରେ ଶୌଚ କାୟାମନ ଶୁଦ୍ଧ ହେବା ସଦ୍ ଚିନ୍ତାରେ ମଜ୍ଜିଯିବାକୁ ବୁଝାଏ । |
| ପାଗଳ ପାହୁଲା | ଅବ୍ୟକ୍ତ ବ୍ରହ୍ମ<br>ପା + ଗଳ = ସଦ୍ ମାର୍ଗରେ ଚଳିବା । ପା + ହୁଳା = ସଦ୍ ମାର୍ଗରେ ସନ୍ତରଣ କରିବା । |

ଅର୍ଥାତ୍ ୧୪୦୧ ସାଲ କନ୍ୟା ମାସ ୨୪ ଦିନ ମୂଳାଷ୍ଟମୀ ପୁନର୍ବସୁ ନକ୍ଷତ୍ର, ଦୂତୀବାହନ ପୂଜାଦିନ ଜଗତପୁରରେ 'ଚରମ'ର ମୁଦ ଉଦ୍‌ଘାଟିତ ହେବ । ଅର୍ଥାତ୍ ଇଂରାଜୀ ମାସରେ ୧୯୯୩ ଅକ୍ଟୋବର ୯ ତାରିଖ ଦିବା ଘ ୧।୩୭ ମିନିଟ୍‌ରେ ସ୍ଥାନ ଜଗଦ୍‌ପୁରଠାରେ 'ଚରମ' ପତ୍ରିକା ଉଦ୍‌ଘାଟିତ ହେବ ।

✪●✪


### ବାଣୀ

ଜଳ ସ୍ଥିର ନ ହେଲେ ମଇଳା ତଳକୁ ଖସି ସ୍ୱଚ୍ଛତା ଆସିବ ନାହିଁ । ସ୍ୱଚ୍ଛତା ନ ଆସିଲେ ପ୍ରତିବିମ୍ବ ଦେଖାଯିବ ନାହିଁ । ଆତ୍ମ ଦର୍ଶନ ଅର୍ଥ ଆତ୍ମାର ପ୍ରତିବିମ୍ବ ଶୁଦ୍ଧ, ସ୍ୱଚ୍ଛ ମନର ଅବସ୍ଥାରେ ହିଁ ଆସିବ । କିନ୍ତୁ ତା' ପୂର୍ବରୁ ମନ ସ୍ଥିର କରି ମନର ମଇଳାକୁ ପିଙ୍ଗି ଦେବାକୁ ହେବ ।

- ଗୁରୁସ୍ୱାମୀ-

# ସମ୍ଭବାମି ଯୁଗେ ଯୁଗେ

# ରଙ୍ଗବେଦୀ



## ଜନନୀ : ଜଠର : ଜରାୟୁ

*ସ୍ଥୂଳ ଜଗତରେ ଏହି ଧରାଧାମରେ ମାନବଲୀଳା ସଂରଚନା ନିମନ୍ତେ ରାମ, କୃଷ୍ଣ ଆଦି ଜନନୀ, ଜଠର, ଜରାୟୁ ମଧ୍ୟଦେଇ ଜଗତକୁ ଧାରଣ କରନ୍ତି । ଆଜି ଅନ୍ତକଳିର ଅନ୍ତିମ ପର୍ଯ୍ୟାୟରେ ପରମକାରୁଣିକ ପରମ ପ୍ରେମମୟ ଜୀବନ ଦେବତା ଶ୍ରୀଶ୍ରୀଶ୍ରୀ ଠାକୁର କେଶବଚନ୍ଦ୍ର ସେହି ଅନୁସୃତିରେ ମାତା ସୁକାନ୍ତି ଦେବୀଙ୍କ ଗର୍ଭ ମଣ୍ଡନ କରି ଅବତରଣ କରନ୍ତି । ସେହି ଆବିର୍ଭାବ ଅନୁଭୂତିର ସ୍ୱର୍ଣ୍ଣସ୍ୱାକ୍ଷର ହିଁ ''ସମ୍ଭବାମି ଯୁଗେ ଯୁଗେ ।''*

ଶୂନ୍ୟ ପରେ ଶୂନ୍ୟଂ ତାପରେ ମହାଶୂନ୍ୟଂ ପୁଣି ଶୂନ୍ୟରେ ନିରାକାର ଅଛନ୍ତି । ନିରାକାର ମଣ୍ଡଳରେ ଯେଉଁ ଜ୍ୟୋତି ସ୍ଫଟିକ ସଦୃଶ ଅଛି, ସେ ଜ୍ୟୋତି ହିଁ ଭଗବାନ ଅଟନ୍ତି । ବିଶ୍ୱ ସ୍ରଷ୍ଟାଙ୍କ ନିୟମାନୁଯାୟୀ କ୍ରମାନୁସାରେ ପରିବର୍ତ୍ତନ ହୋଇ ଚାଲିଛି । ସୂକ୍ଷ୍ମ ପୁରୁଷ, ପ୍ରକୃତିର କୋଷରେ ଆମ୍ଭେ ହଳଦିଆ ରଙ୍ଗ ହୋଇ ତରଙ୍ଗାୟିତ ଭାବରେ ମହାଶୂନ୍ୟଂ ଗର୍ଭରେ ଥିଲୁଁ । ଇଚ୍ଛା ହିଁ ସୃଷ୍ଟି । ଇଚ୍ଛାରେ ଅବ୍ୟକ୍ତରୁ ବ୍ୟକ୍ତ ହୋଇ ଆସିଲୁ । ହିରଣ୍ୟଗର୍ଭର ଦୁଇଶତ ପଞ୍ଚଦଶ ଗୁଣ ବେନି ଚକ୍ର ତୀର୍ଥରେ କଳ୍ପ ଭୋଗର ସତ୍ୟ, ତ୍ରେତା, ଦ୍ୱାପର କଳି, ସୂକ୍ଷ୍ମରେ ଥିଲେ । ସେହିସ୍ଥାନରୁ ଯୁଗଲୀଳା କରିବା ପାଇଁ ଇଚ୍ଛାମତେ ବ୍ୟାପକ କରାଗଲା । ସେହି ଚକ୍ର ତୀର୍ଥ ହିରଣ୍ୟ ପଦ୍ମରେ ପହଞ୍ଚି ଆଭାସ ଚେତନ ସ୍ନାୟୁରେ ମୀମାଂସା ନେଇ ଆସିଲି ।

ଚିତ୍ତର ଶବ୍ଦଧ୍ୱନି ଘଣ୍ଟ, ଘଣ୍ଟି, ଘଣ୍ଟା, ଶଙ୍ଖର ଧ୍ୱନି ଅନାହତ ପଦ୍ମ ଦ୍ୱାରରେ ପହଞ୍ଚି ଦେଖିଲି ଘଣ୍ଟର ସୂକ୍ଷ୍ମ କାର୍ଯ୍ୟ ହେଉଛି । ପ୍ରତ୍ୟେକ ଜୀବ ଜଗତକୁ ଯେତେକ ସ୍ୱର ଦିଆଯାଇଛି, ସବୁ ବିଭିନ୍ନ ପ୍ରକାରର ସୃଷ୍ଟିକୁ ଆସିଛି । କୃମିଠାରୁ ସିଂହ ପର୍ଯ୍ୟନ୍ତ ଯେତେକ ପ୍ରାଣୀ ରହିଲେ ଏହି ପଦ୍ମ ଦଳରୁ ଜଗତକୁ ସ୍ୱର ଯୋଗାଉଛି । ଘଣ୍ଟିର ଶବ୍ଦ ହେଉଛି ଚଳ୍‌ଦ ପଦ୍ମଦଳରୁ ସୃଷ୍ଟି ବୃକ୍ଷ, ଲତା, ନଦ, ନଦୀ, ପାହାଡ଼, ପର୍ବତ, ପଞ୍ଚଭୂତ, ପଞ୍ଚମହାଭୂତର ଶବ୍ଦସ୍ୱର । ଘଣ୍ଟିର ସ୍ୱର ଦ୍ୱାରା ଜଗତକୁ ଆହ୍ଲାଦିତ କରୁଛି, ଖେଳାଉଛି । ସ୍ୱରର କର୍ତ୍ତୃତ୍ୱ ଧାରାଦେଇ କର୍ମଧାରା ଦ୍ୱାରା ଜୀବ ବନ୍ଧନ ମୁକ୍ତ ହେଉଛି ।

ଘଣ୍ଟାର ସୂକ୍ଷ୍ମସ୍ୱର ସଞ୍ଜୀବ୍‌ପଦ୍ମ ଦଳରୁ ସୃଷ୍ଟି । ସେଠାରେ ଦେଖାଯାଏ ଯେ ଚଉଦ ଭୁବନରେ ତାଳ ନାଦ, ଶବ୍ଦ ସ୍ଥୂଳ ମନରେ ତରଙ୍ଗଭଳି ଖେଳିଯାଇଛି । ତାର ରଙ୍ଗ ଧବଳ । ବିନ୍ଦୁ ବିନ୍ଦୁ ହୋଇ ଚାରିପାଖ ଯାକ ହଳଦିଆ ରଙ୍ଗର ଦୋଳାୟମାନ ହୋଇ ଭାସୁଛି । ସେହି ଦଳର ଅଂଶୀୟ ବିନ୍ଦୁ କେନ୍ଦ୍ରୀଭୂତ ହୋଇ ଚଉଦ-ଭୁବନକୁ ଢାଙ୍କି ରହିଛି । ଜୀବର ଚକ୍ରଚାଳନା ଦ୍ୱାରା ପରିବର୍ତ୍ତନ, ଭାବଭଙ୍ଗୀ, ସ୍ୱଭାବର ଚିତ୍ର ଗରିବ ଧନୀର କର୍ମଧାରା ପରିବର୍ତ୍ତନ ଜୀବଠାରେ ଗୃହୀତ ହୋଇଥାଏ ।

ସୂକ୍ଷ୍ମସ୍ୱର ଦ୍ୱାରା ଅଙ୍କୁରିତ ଅବସ୍ଥାରୁ ଦେହ ଛାଡ଼ିବା ପର୍ଯ୍ୟନ୍ତ ସୂକ୍ଷ୍ମ ବୁଦ୍ଧି ବିବେକର କାର୍ଯ୍ୟ ''ସଞ୍ଜୀବ୍ ପଦ୍ମ'' ରୁ ପ୍ରସ୍ଥାପିତ ହୋଇ ଆସି ଫଳ ଗୃହୀତ ହୁଏ । ଭାବର ଅଙ୍ଗ ଚାଳନା ଦ୍ୱାରା ଜୀବ ଇଚ୍ଛାନୁଯାୟୀ ସଞ୍ଜୀବ୍ ପଦ୍ମଦଳର କର୍ମଫଳ ଭୋଗେ । ଯଦି ସୁ-କର୍ମ ଧାରା ଗ୍ରହଣ କରି ସତ୍ ପଥରେ ପଥିକ ହୁଏ, ତାହେଲେ ସ୍ୱର ଦ୍ୱାରା କର୍ମଫଳ କଟିଯାଏ । ନଚେତ୍ ଗୃହୀତ ଫଳ ଭୋଗରେ ସ୍ୱରର ଜୀବନ ଅତିବାହିତ ହୁଏ । ଏଇ ପଦ୍ମଦଳରେ ଆମ୍ଭେ ଏହି କଥା ନିଶ୍ଚିତ ଭାବେ ଜାଣିଲୁଁ । ନାଦ ସମ୍ବନ୍ଧୀୟ ସୂକ୍ଷ୍ମତାଳର ଉପୃଭିର ନାମ ଶଙ୍ଖ । ତାର ସ୍ଥାନ ହେଉଛି, ମହାଶୂନ୍ୟର ହିରଣ୍ୟ-ଗର୍ଭରେ ଥିବା ଶୌଭଦୀ ପଦ୍ମଦଳରେ । ସୂକ୍ଷ୍ମରେ ଅବସ୍ଥାନ କରିଅଛି । ପ୍ରତ୍ୟେକ ସ୍ୱେଦଜ, ଅଣ୍ଡଜ, ପ୍ରାଣୀଜ, ଉଦ୍ଭିଦଜ ସୂକ୍ଷ୍ମକୋଷରେ ପାଞ୍ଚଜନ୍ୟ, ବିଷ୍ଣୁଙ୍କ ଆଶିଷ ଦ୍ୱାରା ଜଗତକୁ ଇଚ୍ଛାମତେ ଶଙ୍ଖଧ୍ୱନି ସୁଖ ଦୁଃଖର ପୁଷ୍ପପତ୍ର ଦ୍ୱାରା ଧ୍ୱନିର ତରଙ୍ଗ ଯୋଗାଉଛି । ତଦ୍ୱାରା ପ୍ରତ୍ୟେକ ଜୀବର ଜୀବନ ଚକ୍ର ପରିବର୍ତ୍ତିତ ହୁଏ । ସଦାଚାର ସୃଷ୍ଟି ହୁଏ । ଶଙ୍ଖର ନାଦଧ୍ୱନିରେ ସୃଷ୍ଟିକୁ ଆଚ୍ଛାଦିତ କରାଇ ଜୀବକୁ ଆନନ୍ଦ ଦିଏ ।

ତା ପରେ କ'ଣ ହେଲା,ଚୈତନ୍ୟ ଯାଇ କାରଣ ମଣ୍ଡଳରେ ପହଞ୍ଚିଲା । ସେଠାରେ ଦେଖିବାକୁ ପାଇଲି ସୂକ୍ଷ୍ମର ମାୟା, ମହାମାୟା ଯାହା ପ୍ରତ୍ୟେକ ରଜ୍ଜୁଦ୍ୱାରା ଆଚ୍ଛାଦିତ । ମାୟାବନ୍ଧନରେ ଜୀବ ଆତଯାତ ହୁଏ । ଯଦି ବିବେକୀ ହୁଏ ତାହେଲେ ଜଞ୍ଜାଳ ମୁକ୍ତ ହୁଏ । ନଚେତ୍ କାଳଚକ୍ରରେ ପଡ଼ି ନରକ ଭୋଗକରେ । ଏହା ବ୍ରହ୍ମ ରନ୍ଧ୍ରକୁ ଧୂସର ବର୍ଣ୍ଣ ନେଇ ଆଲୋକପାତ କରୁଅଛି । ଯେତେ ଆଗକୁ ଯାଏ ଦେଖିବାକୁ ପାଏ ଯେ ଯୋଗମାୟା 'ଆଭାସ କାଞ୍ଚଣା' ମଣ୍ଡଳରେ ବ୍ରହ୍ମାଣ୍ଡକୁ ଯୋଗସୂତ୍ର ବିଛାଇ ବସିଛି । ସେ ପୁଣି ବୈଷ୍ଣବ ପିଞ୍ଜରାରେ ଅଛି । ତେଣୁ କରି ତାର ନାମ ବିଷ୍ଣୁମାୟା, ସେ ଯୋଗମାୟା ଚାରି ପାଖରେ ଡ଼େଣା ମେଲାଇ ଦେଇଛି । ସେହି ଡେଣାରେ ଦେଖିବାକୁ ପାଇଲି ଯେ ସ୍ଥୂଳ, ସୂକ୍ଷ୍ମ, କାରଣର କଷଟି ପଥ ମାୟା ବେଢ଼ିକରି ଅଛି । ପୁଣି ଦେଖାଯାଏ ଯେ ମାୟାପଥରୁ ତରି ଯିବାକୁ ପୂର୍ବରୁ ଧର୍ମଗୁରୁଙ୍କ ଆତ୍ମା ସୂକ୍ଷ୍ମଭାବେ ଯାତାୟାତ କରୁଛନ୍ତି । ପୁଣି ଆସୁଛନ୍ତି, ଅନେକ ମତ ଭାବଧାରା ଜୀବଜଗତକୁ ବାଣ୍ଟୁଛନ୍ତି । ଏହା ମଧ୍ୟ ସୂକ୍ଷ୍ମରେ ଦେଖିବାକୁ ମିଳେ । ଆଜ କ'ଣ ଦେଖିଲି ଜାଣ, କହୁଛି ମନ ଦେଇ ଶୁଣ ।

ସ୍ତୌତ୍ରି ସିଦ୍ଧିରସ୍ତୁ ମଣ୍ଡଳ ଦେଖାଯାଏ । ସେଠାରେ ତ୍ରିଗୁଣର ସିଦ୍ଧି ଗଦା ଗଦା ହୋଇ ରହିଛି । ଏହିଠାରେ ମୋକ୍ଷ ମୁକ୍ତିର ଆଭାନ୍ତ ସୌଞ୍ଚଚୈତନ୍ୟର ରେଣୁ ମଧ୍ୟ ଭାସମାନ ଅବସ୍ଥାରେ ଅଛନ୍ତି । ତାହା ସଚ୍ଚିଦାନନ୍ଦଙ୍କ ଇଚ୍ଛାରୁ ବହୁଳ ଇଚ୍ଛା ସମ୍ମିତ ନିର୍ବାଣ ତୀର୍ଥରେ ପହଞ୍ଚାଇ ଦିଏ । ସେଇଠାରେ ହିଁ ପୂର୍ଣ୍ଣଜ୍ଞାନର ସତ୍ୟାନନ୍ଦ, ପୂର୍ଣ୍ଣଭାବରେ ଇଚ୍ଛାନୁଯାୟୀ ଖେଳ କରୁଥାଏ ।

ତା' ପରେ ପୂର୍ଣ୍ଣ ଚୈତନ୍ୟରୁ ମଣ୍ଡଳ ଭେଦ କରି ଖସି ଆସିବା ପରେ 'ପଞ୍ଚମହାଭୂତ' ପଡ଼ିଲା । ସେଠାରେ ୯୨ଟି ମଣ୍ଡଳ ଅଛି । ପ୍ରତ୍ୟେକ ମଣ୍ଡଳର ସୂକ୍ଷ୍ମ ପାଖୁଡ଼ାଗୁଡ଼ିକ ଗୈରିକ ରଙ୍ଗ । ସେଠାରେ ଜୁଳୁକୁଳିଆ ପୋକ ଯେପରି ଆଲୁଅ ମିଞ୍ଜି ମିଞ୍ଜି କରେ, ସେଇଭଳି ମଧ୍ୟ ଦେଖିବାକୁ ପାଇଲି ।

ଇଚ୍ଛାମତେ ରଜବୀର୍ଯ୍ୟର ସୂକ୍ଷ୍ମ ସଂଯୋଗର ସଂଧାନ ମିଳିଲା । ବିନ୍ଦୁ ସ୍ଥାପନା ସମୟ ଶ୍ରାବଣ ମାସ ବୁଧବାର, ମହାର୍ଘ ମୌଣଜ୍ୟ ବ୍ରହ୍ମବେଳା, ''ଅସ୍ତୌଳି ୩୭ ଦଣ୍ଡ, ରାତ୍ର କାଳ ଘଣ୍ଟା୧୨ ମିନିଟ୍ ସମୟରେ । ଜନନୀଙ୍କର ପବିତ୍ର ଜଠର, ଜରାୟୁରେ ଜନ୍ମ ନେଲି । ସେ ମୋତେ ବହୁଯତ୍ନ ସହକାରେ ଗର୍ଭରେ ଧାରଣ କଲେ । ଆମେ ଦୁନିହୋଇ ନିଜକୁ ବୁଝାଇ ରହିଲୁ । ଚିତ୍ତ ମଧ୍ୟ ସୂକ୍ଷ୍ମ ଚାଞ୍ଚଲ୍ୟରେ ଖେଳ କରୁଥାଏ । ତାକୁ ମଧ୍ୟ ଦୁନି କରାଇଲୁଁ । ହଠାତ୍ ଚେତନା ଆଜ୍ଞାଚକ୍ରକୁ ଲକ୍ଷ୍ୟ କଲା । ଦେଖିଲା ଯେ ଇଚ୍ଛାମତେ କେତେକ ଦଳ ଭ୍ରମଣ କରୁଛନ୍ତି । ତାର ନାମ ସହସ୍ରାର ବା ସହସ୍ରାଗାର ଅଟେ । ଗର୍ଭ କେଶରର ସୁଷୁମ୍ନା କାଣ୍ଡରୁ ଏକ ନୀଳବର୍ଣ୍ଣର ରଶ୍ମି ରେଖା ବ୍ରହ୍ମ ଲୋକକୁ ବ୍ୟାପିଛି । ସେଠାରେ କ'ଣ ଦେଖାଯାଏ ଶୁଣ ।

**ବ୍ରହ୍ମଲୋକ -** ବ୍ରହ୍ମରନ୍ଧ୍ରର ସୂକ୍ଷ୍ମ ଜଗତ ବାଟ ଦେଇ ଆସିଲି । ସେଠାରେ ଦେବଯାନ, ପିତୃଯାନ, ସଂଯୋଗ ସ୍ଥଳରେ ସହସ୍ରଦଳ ଅଛି । ସେହି ସହସ୍ର ଦଳରେ ଅନେକ ସହସ୍ରାଗାର ରେଣୁଗୁଡ଼ିକ ଦେଖିବାକୁ ମିଳେ । ସେହି ରେଣୁଗୁଡ଼ିକର ବର୍ଣ୍ଣ ହରିଦ୍ରା ଅଟେ । ସବୁ ସମୟରେ ସୂକ୍ଷ୍ମର ରେଣୁ ପୂର୍ଣ୍ଣଭାବରେ ଅବସ୍ଥାନ କରିଛନ୍ତି ।

**ସତ୍ୟଲୋକ-** ବ୍ରହ୍ମଲୋକରୁ ସତ୍ୟ ଲୋକ ବାଟ ଦେଇ ଆସିଲି । ସତ୍ୟ ଲୋକରେ ଦେଖିଲି ସବୁହିଁ ସତ୍ ଆନନ୍ଦ । 'ସତ୍ ରେଣୁ' ସ୍ୱର ମଣ୍ଡଳ ରଙ୍ଗ ନୀଳବର୍ଣ୍ଣ । ତନ୍ମଧ୍ୟରେ ଧଳା ତରଙ୍ଗାୟିତ ଅବସ୍ଥାରେ ସୂକ୍ଷ୍ମ ଯୋଗୀମାନେ ଲୀଳା କରୁଛନ୍ତି । କି ଆନନ୍ଦ ଭାବ ! ଆନନ୍ଦର ସାଗରରେ ଭାସୁଛନ୍ତି । ସତ୍ୟଲୋକ ସତ୍ୟାନନ୍ଦ ତୀର୍ଥ । ଚୈତନ୍ୟର ଜ୍ଞାନ ସାଗର ପ୍ରେମ ପୂର୍ଣ୍ଣ ହୋଇଅଛି । ଏହାକୁ **ଆଜ୍ଞାଚକ୍ର** ମଧ୍ୟ କୁହାଯାଏ ।

**ଜନଲୋକ -** ସତ୍ୟଲୋକରୁ ଜନ ଲୋକରେ ପହଞ୍ଚିଲି । ଜନଲୋକ ମଣ୍ଡଳ ରକ୍ତ ଧଳାବର୍ଣ୍ଣ ପୂର୍ଣ୍ଣ ଆଚ୍ଛାଦିତ । ବିଶୁଦ୍ଧ ରକ୍ତ ସୂକ୍ଷ୍ମରେ ଅଛି । ପ୍ରଥମ ଦଳ ବୃତ୍ତାକାର । ଧବଳ ରକ୍ତ ବର୍ଣ୍ଣ । ଶିବ ପାର୍ବତୀଙ୍କର ସୂକ୍ଷ୍ମ ପୁରୁଷ ପ୍ରକୃତି ରୂପ ନେଇ ଅଛନ୍ତି । ଏହା ୧୬ ଦଳ ବିଶିଷ୍ଟ । ଏହାକୁ କଣ୍ଠଚକ୍ର ବା **ବିଶୁଦ୍ଧ ଚକ୍ର** କୁହାଯାଏ ।

ମହଲୋକ - ଏହା **ଅନାହତ ଚକ୍ର** । ଜନଲୋକ ପରେ ଏହି ଚକ୍ରରେ ପହଞ୍ଚିଲି । ଏହା ଚୈତନ୍ୟ ଶକ୍ତି । ୧୨ ପଦ୍ମଦଳ ଯୁକ୍ତ । ନୀଳ ହଳଦିଆ ବର୍ଣ୍ଣରେ ସୂକ୍ଷ୍ମ ସଂଯୋଗ । ଲକ୍ଷ୍ମୀନାରାୟଣ ହୃଦୟ ପଦ୍ମରେ ବିରାଜମାନ କରି ଅଛନ୍ତି । ଏହି ଚକ୍ର ଦ୍ୱାଦଶ ଦଳ ବିଶିଷ୍ଟ (ହରିଦ୍ରା ବର୍ଣ୍ଣ) ଅଟେ ।

**ସ୍ୱର୍ଲୋକ-** ମହଲୋକ ପରେ ସ୍ୱର୍ଲୋକରେ ପହଞ୍ଚିଲି । ଏହା **ନାଭିଚକ୍ର** ବା **ମଣିପୁର ଚକ୍ର** । ଧବଳ ନୀଳମିଶା ଧୂସର ରଙ୍ଗ । ୧୦ ଦଳ ବିଶିଷ୍ଟ । ଏହା ବ୍ରହ୍ମା ସାବିତ୍ରୀଙ୍କର ସୂକ୍ଷ୍ମସ୍ଥଳ । ଏହି ସ୍ଥଳରେ ଯେତେବେଳେ ବ୍ରହ୍ମ ଓ ଆତ୍ମା ସ୍ୱରୂପ ଅବସ୍ଥାନ କରେ ସ୍ଥୂଳ ଶରୀରରେ ସେତିକିବେଳେ ସାଧାରଣ ଜୀବ ଜଡ଼ ଅବସ୍ଥାରେ ଥାଏ । ଯେ ଚେତନ ସେ ମାତୃ ଗର୍ଭରେ ବାଟ ନିରୂପଣ ହେଲା ମାତ୍ରେ, ଚେତନଶିଶୁ, ସେହିଠାରେ ରହି ପରମାତ୍ମାଙ୍କୁ ଦର୍ଶନ କରେ । ସେତେବେଳେ ସୃଷ୍ଟି ହୁଏ ବ୍ରହ୍ମଜ୍ଞାନ ତତ୍ତ୍ୱ । ମାତୃ ଗର୍ଭ ବାଟ ନିରୂପଣ ତତ୍ତ୍ୱ, ବିଜ୍ଞାନ ତତ୍ତ୍ୱ, ସୂକ୍ଷ୍ମାଦିର ସୂକ୍ଷ୍ମ କୋଷାଦି ବିଷୟରେ ଚେତନ ରହେ । ମାତୃ ଗର୍ଭରେ ରହି ଭୂଲୋକ, ଭୁବଲୋକ ସୂକ୍ଷ୍ମାଦୀୟ କୁଣ୍ଡଳିନୀ, ସ୍ୱାଧିଷ୍ଠାନର ଷଷ୍ଠ ପଦ୍ମଦଳ, ଗୁହ୍ୟ ବା ମୂଳାଧାର ଚକ୍ରର ଚାରି ଦଳର କାରଣ ତତ୍ତ୍ୱମାନ ଦୃଶ୍ୟ ହୁଏ ।

ଜୀବ ଈଶ ଜଗତର ଯେଉଁ ଓଁ କାର ନାଦ ତତ୍ତ୍ୱ, ଭାବ ଭକ୍ତି ଜ୍ଞାନ ତତ୍ତ୍ୱ, ପ୍ରତ୍ୟେକ ଗଣ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଦିବ୍ୟ ଦୃଷ୍ଟି ଚେତନା ପାଇଥାଏ । ଏହି ଅବସ୍ଥାରେ ସପ୍ତ ଲୋକର ସମସ୍ତ ସୂକ୍ଷ୍ମ ଜୀବକୋଷରେ ଆତ୍ମା ବ୍ରହ୍ମାଣ୍ଡରେ ମହାତ୍ମାମାନଙ୍କ ଆତ୍ମାରେ ସଂଯୋଗ ହୋଇ ରହିଲେ ସେହି ଅବସ୍ଥାରେ ମହାଆନନ୍ଦ ଅନୁଭବ ହୁଏ । ସେ ଆନନ୍ଦରେ ଚିଦ୍‌ଶକ୍ତି ସତ୍‌ର ପୂର୍ଣ୍ଣାଙ୍ଗ ଭାବ ଭକ୍ତି ମାତୃ ଗର୍ଭରେ ରହି ମତିସହ ମଜ୍ଜାଗତ ହୋଇଥିଲା । ମାତୃଗର୍ଭରେ ଥିଲାବେଳେ ଅଷ୍ଟାଦଶ ଆୟୁଧର ସୂକ୍ଷ୍ମ କେନ୍ଦ୍ର ସ୍ଥଳରେ ପହଞ୍ଚି କାରଣର ଅଭ୍ୟାସ, ଚୈତନ୍ୟର ମନ୍ତ୍ର ଯୋଗତତ୍ତ୍ୱ, ବିଶିଷ୍ଟ ତତ୍ତ୍ୱ ମଧ୍ୟ ଆତ୍ମର ଅବଗତ ହୋଇଥିଲା । ମାତୃଗର୍ଭ ପିଣ୍ଡ ତତ୍ତ୍ୱରେ ମାତୃଗର୍ଭରେ ଥିଲାବେଳେ ସୂକ୍ଷ୍ମାଦୀୟ ରେଚକ, ପୂରକ, କୁମ୍ଭକ ତତ୍ତ୍ୱ ଦ୍ୱାରା ଆସ୍ତେ ଆଭାସି କଣ୍ଟ, ଚୈତନ୍ୟ ଦ୍ୱାରା ଓଁ ର ମାନସ ତତ୍ତ୍ୱ ସୁଷୁମ୍ନା ନାଡ଼ୀ ଦେଇ ବ୍ରହ୍ମରନ୍ଧ୍ରକୁ ନାଦ ଶବ୍ଦର ସବୁ ସ୍ୱୟଂ ଭୋଗ ଜଣାଯାଏ । ସୁଷୁମ୍ନା ନାଡ଼ୀ ମଧ୍ୟଦେଇ ମୂଳାଧାର ପର୍ଯ୍ୟନ୍ତ ଆଜ୍ଞାଚକ୍ରରୁ ବ୍ରହ୍ମରନ୍ଧ୍ରରେ ଥିବା ସୂକ୍ଷ୍ମ କୋଷଗୁଡ଼ିକ ସେହିଠାରେ ହିଁ ଜ୍ଞାତ ହୁଏ । ମହାମାୟାଙ୍କର ସୂକ୍ଷ୍ମ ତ୍ରିଲୋକର ୭୨ ପଦ୍ମଦଳର ମହା କୈବଲ୍ୟ, ବିଭୂତି ସୂତ୍ର ଜଣାଯାଏ । ତାପରେ ଜ୍ୟୋତିର ଠୁଳ ରୂପ, ନାଦ ବିନ୍ଦୁ, ନିତ୍ୟ ରାଧା, ମହାନିତ୍ୟ କୃଷ୍ଣ, ଓଁ କାରରେ ସୂକ୍ଷ୍ମ କାରଣ ଜ୍ଞାନ ନେଇ ଷଡ଼ ଚକ୍ରର ଷଡ଼ମୁଖ, ବ୍ରହ୍ମାଙ୍କ ଅନୁଭୂତି, ସ୍ଥୂଳ ଚକ୍ଷୁରେ ଦିବ୍ୟ ଜ୍ଞାନ ପ୍ରାପ୍ତି ହୋଇ ସୂକ୍ଷ୍ମଜ୍ଞାନର ଚକ୍ଷୁରେ ଦେଖାଦେଇ ଚୈତନ୍ୟରେ ଜାଗ୍ରତ ଅବସ୍ଥାରେ

ରହନ୍ତି । କିନ୍ତୁ ମହାତ୍ମାମାନଙ୍କର ମାତୃ ଗର୍ଭରେ ବା ଜରାୟୁରେ ସ୍ଥିତ ଅବସ୍ଥାରେ ସୂକ୍ଷ୍ମ ଦିବ୍ୟଜ୍ଞାନ ଦୃଷ୍ଟି ବଳରେ ଚକ୍ଷୁଦ୍ୱୟ-ସାମବେଦର କାରଣ ମାନ, ସୂତ୍ରାବଳୀ ତତ୍ତ୍ୱ, ନାସା-ଯଜୁଃର୍ବେଦ ତାତ୍ତ୍ୱିକ କଳ୍ପତରୁ ତତ୍ତ୍ୱ ସୂକ୍ଷ୍ମ ସୂତ୍ରାବଳୀ, ଋକ୍ ମୁଖ, ଅଥର୍ବ ଶ୍ରବଣ ଦ୍ୱାରା ବିଜ୍ଞାନ କଳ୍ପର ସୂକ୍ଷ୍ମାଦୀୟ ସୂତ୍ରାବଳୀ ଜ୍ଞାନ ଅନୁଭବ ହୋଇ, ଆଭାନ୍ତ ଚୈତନ୍ୟରେ ଠୁଳ ଅବସ୍ଥାରେ ରହିଥାଆନ୍ତି । ମର୍ତ୍ତ୍ୟଧାମକୁ ଯିବା ପର୍ଯ୍ୟନ୍ତ ମୂଳାଧାରରୁ ବ୍ରହ୍ମରନ୍ଧ୍ର ବା ଆଜ୍ଞାଚକ୍ରରୁ ଅଧିଷ୍ଠାନ ପର୍ଯ୍ୟନ୍ତ ମାତୃଗର୍ଭ ଘଟତତ୍ତ୍ୱ ସୂକ୍ଷ୍ମ କୈବଲ୍ୟରେ ନିର୍ବିକଳ୍ପ ସମାଧିର ପୂର୍ଣ୍ଣତା ଲାଭ କରିଥାଏ ।

ଜୀବର ସୂକ୍ଷ୍ମ ଅବସ୍ଥାରେ ଚୈତନ୍ୟ ଆସିଲେ ବ୍ରହ୍ମଲୋକରେ ଶକ୍ତୁଟୀ କୋଷ, ସତ୍ୟଲୋକରେ 'ବହୀଧୁଭା' କୋଷ ଜନଲୋକରେ ଆଭାଶିନି ସୂକ୍ଷ୍ମକୋଷ, ମହଲୋକରେ ତ୍ରୀଧାପିନା କୋଷ ଓ ସ୍ୱର୍ଲୋକରେ ନିରୋବାରୀ ଅକୁଶ କୋଷ ମନ୍ତ୍ରଯନ୍ତ୍ରାଦି ସାଧନର ଦିବ୍ୟ ଦୃଷ୍ଟିରେ ସ୍ଫଟିକର ଆଲୋକ ରଶ୍ମିରେ ଜୀବକୁ ସାହାଯ୍ୟ କରେ । ତ୍ରିଗୁଣର ସ୍ୱରୂପ ଓଁକାରର ଶବ୍ଦ, ନାଦ, ଧ୍ୱନି, ତତ୍ତ୍ୱ, ଭକ୍ତି, ଜ୍ଞାନ ବିଷୟରେ ଜୀବ ସମ୍ପୂର୍ଣ୍ଣ ମାତୃଗର୍ଭରେ ଦେଖିପାରେ । ଆଜ୍ଞା ଚକ୍ରରେ ଧାରଣ କରିଥାଏ । ଆଭାନ୍ତ ଚୈତନ୍ୟ ଅବସ୍ଥାରେ ବିକଶିତ ମାଆ ଗର୍ଭରେ ଚୈତନ୍ୟ ପ୍ରଥମ ମାସରେ ହରିଦ୍ରା ବୃତ୍ତାକାର, ତାପରେ ସୂକ୍ଷ୍ମର ଧବଳ ରଙ୍ଗ । ସେହି ଧଳାରଙ୍ଗରେ ନୀଳବର୍ଣ୍ଣର 'ଶୁମ୍ଭାରୀ' ପ୍ରାଣବାୟୁ କ୍ଷରାକ୍ଷର ହୋଇଥିବାର ନିଜେ ନିଜକୁ ସୂଚାଇ ଦିଆଗଲା ।

ଚୈତନ୍ୟ ଦ୍ୱାରା ଓଁକାରର ମାନସତତ୍ତ୍ୱ ସୁଷୁମ୍ନାନାଡ଼ି ଦେଇ ବ୍ରହ୍ମରନ୍ଧ୍ରକୁ ସଦାସର୍ବଦା ଆଲୋକିତ କରୁଅଛି । ପ୍ରାଣ ଶବ୍ଦର ମହାମାୟାଙ୍କର ୭୨ ପଦ୍ମଦଳର ଅ,ଉ, ମ କୈବଲ୍ୟ ଯାନତ୍ରା ବିଭୂତି ସୂତ୍ର ଦ୍ୱାରା ଠୁଳ ରୂପ ଧାରଣ କରିଅଛି । ଷଡ ମୁଖ ବ୍ରହ୍ମାଙ୍କ ଦିବ୍ୟଜ୍ଞାନ ପ୍ରାପ୍ତ ଏହି ମଣ୍ଡଳରେ ଅବସ୍ଥିତ । ଜୀବାତ୍ମା ଏହି ଓଁକାର ତ୍ରୟ ମାତ୍ରା ତ୍ରିପାଦକୁ ଧରି ଗୁଣଯୁକ୍ତ ପ୍ରକୃତିଗତ ଶରୀର ମାୟା ଅଧୀନରେ ରହି ଜାଗ୍ରତ, ସୂକ୍ଷ୍ମ, ଭାନୁ, ସୁଷୁପ୍ତିର ସୂକ୍ଷ୍ମ ପୁରୁଷ ଅବସ୍ଥା ଭୋଗ କରୁଅଛି । ଆଭାସ ଚୈତନ୍ୟର 'ଅ' ହେଉଛି ସୂକ୍ଷ୍ମ ଅବସ୍ଥା । ଏହି ଅବସ୍ଥାରେ ଆତ୍ମା ଆଲୋକ ଜାଗରଣ କରି ସୂକ୍ଷ୍ମାଦି ପୁରୁଷର ଅନାହତ ନାଦ ଜ୍ଞାନ, ବିଜ୍ଞାନରେ ଇନ୍ଦ୍ରିୟଗୁଡ଼ିକ 'ତୈଜସ' ଚୈତନ୍ୟର ରୂପ ଧାରଣ କରି ସୂକ୍ଷ୍ମ ଶରୀରର ବାସନା ସମୂହ ଭୋଗ କରିଥାଏ । 'ଉ' କାର ବ୍ରହ୍ମାର ସ୍ୱପ୍ନାବସ୍ଥା ଏହାର ସୂକ୍ଷ୍ମ ମଣ୍ଡଳର ନାମ 'ଅଧିର୍ଭା' । ଏଠାରେ ଏକୋଇଶି ହଜାର ତିନିଶହ ବତ୍ରିଶ ନାଦ, ନାମ ଆକାର ଧାରଣ କରି କୋଷ ଭିତରେ ରହିଥାଏ । ଏଠାରେ ଆତ୍ମା ପ୍ରାଜ୍ଞ ରୂପ ଧାରଣ କରିଥାଏ । ଏହାର ବର୍ଣ୍ଣ ଧବଳ ଅଟେ । ଅ, ଉ ଉଭୟ ମିଶି ଗଲେ ମେଘ ବର୍ଣ୍ଣଯୁକ୍ତ ଧବଳ ଦେଖାଯାଏ । ଓଁ କାର ର ତୃତୀୟ ପାଦ ଆଜ୍ଞାପାଦ । ଏହି ପାଦରେ 'ମ' କୋଷ ଧାରଣ କରିଥାଏ । ଏହା ଚିନ୍ମୟ ଚୈତନ୍ୟର ସୂକ୍ଷ୍ମ ସୁଷୁପ୍ତି ଅବସ୍ଥା ଓ ସୂକ୍ଷ୍ମାଦୀୟ ତୁରୀୟ ଅବସ୍ଥାରେ ପୂର୍ଣ୍ଣ ନିର୍ବିକଳ୍ପ ସମାଧି ବିକଶିତ ହୁଏ । ଜନନୀ ଜଠରର ନିର୍ବିକଳ୍ପ ପାହାଚ ଚେତ ସୁଧାମୟ ବ୍ରହ୍ମାଙ୍କ ସତେଇଶ ପଦ୍ମ ପାଖୁଡ଼ା ଅନୁଭବ କରାଯାଏ । ଏହିଠାରେ ଅକଳିତ ଅନନ୍ତ ଅଣାକାର ବ୍ରହ୍ମଠାରୁ ଚୈତନ୍ୟମୟ ଜୀବ ସୃଷ୍ଟି ହୋଇ ସୂକ୍ଷ୍ମ ମାୟା ବଳରେ ଆତଯାତ ହେଉଅଛି ।

ଯେତେ ଜୀବ ତାଙ୍କଠାରେ ପ୍ରାପ୍ତ ହୋଇ ରହିଲେ ମଧ୍ୟ ଜଗତରେ ପ୍ରାଣୀମାନଙ୍କର ସଂଖ୍ୟା କେବେ ଅଭାବ ହୁଏ ନାହିଁ । ତେଣୁକରି ଏହି ମଣ୍ଡଳରେ ସଂଖ୍ୟା ସୂତ୍ର ଅନୁଯାୟୀ ମାତୃଗର୍ଭରେ ଜୀବ ପରମ ହଂସ ସ୍ୱରୂପରେ ଶ୍ୱାସ ପ୍ରଶ୍ୱାସ ପ୍ରାଣବାୟୁକୁ ଧରି ନାସାଗ୍ରର ସୂକ୍ଷ୍ମଠାରୁ ତାଳୁମୂଳର ଶେଷ ପର୍ଯ୍ୟନ୍ତ ସୂକ୍ଷ୍ମ ଚୈତନ୍ୟ ଅବସ୍ଥାରେ ଜୀବକୁ ଗତି କରିବାକୁ ପଡୁଥାଏ ।

(କ୍ରମଶଃ.....)



# କଲ୍ୟାଣ ଦେଲି ତୋତେ

*"ସବୁ ପ୍ରାପ୍ତି ମୋର ହଜିଯାଉ ପଛେ ମିଳୁ ସଦା ତମ କଲ୍ୟାଣ ।" ଉକ୍ତ ବାସର ମାଗୁଣି ଶୁଣି ଭାବଗ୍ରାହୀ ଗୁରୁସ୍ୱାମୀ ଶ୍ରୀଶ୍ରୀଶ୍ରୀ ଠାକୁର ଆମକୁ କଲ୍ୟାଣ ଦେଇ ଅଗଣିତ ଅନୁଗତ ଭକ୍ତ ଭାଇ ଭଉଣୀଙ୍କର ଭିକ୍ଷାଥଳି ପୂର୍ଣ୍ଣ କରିଛନ୍ତି ।*

*ଚରମ ପୃଷ୍ଠାରେ 'କଲ୍ୟାଣ ଦେଲି ତୋତେ' ଏକ ନିୟମିତ ଧାରାବାହିକ ସ୍ତମ୍ଭ । ଏହି ସ୍ତମ୍ଭରେ ପ୍ରଭୁପାଦ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ସ୍ୱହସ୍ତ ଲିଖିତ ଆଶୀର୍ବାଦ ବିଶ୍ୱଜନତାର ବେଦନାର୍ତ୍ତ ହୃଦୟରେ ଆଶା ଆଶ୍ୱାସନାର ପ୍ରଲେପ ଦେବା ପାଇଁ ପ୍ରତିଜ୍ଞ ॥*

*ଲକ୍ଷ୍ୟ ପଥରେ ସକଳ ବାଧାବନ୍ଧ ଅତିକ୍ରମ କରି ଆଗେଇ ଯିବା ପାଇଁ ଏହା ପ୍ରତ୍ୟେକଙ୍କୁ ଉତ୍ସାହ ଦିଏ । ଏହା କେବଳ ଏକ ସୁଖ ପାଠ୍ୟ ବିଭାଗ ନୁହେଁ, ଏହା ନିତ୍ୟ ପାଠ୍ୟ, ଅନୁସରଣୀୟ ଓ ସକଳ ସମସ୍ୟା ଓ ଶଙ୍କା ଦୂର କରିବା ନିମନ୍ତେ ସମୟୋପଯୋଗୀ ପରାମର୍ଶରେ ଭରିମନ୍ତ ॥*

**ଚରମ ରେ !** ତୁ ମର୍ତ୍ତ୍ୟଧାମକୁ ଆସିଛୁ । ଶୁଣି ଖୁସି ହେଲି । ତୁ ପ୍ରଥମେ ଜଗନ୍ନାଥଙ୍କୁ ଆଭୂମ ପ୍ରଣାମ କରି ପୂର୍ବବର୍ତ୍ତୀ ଗୁରୁମାନଙ୍କୁ ମଧ୍ୟ ପ୍ରଣାମ କରିବୁ ।

ଚରମ, ତୁ ମନ ଚୈତନ୍ୟ ଦେଇ ମୋ କଥା ଟିକେ ଶୁଣ । ଏ ଜଗତରେ ବହୁ କଣ୍ଟା ଅଛି । ସେହି କଣ୍ଟା ପଥରେ ଥିବ୍ ଥିବ୍ ପାଦ ପକାଇ ତୋର ଲକ୍ଷ୍ୟ ପଥରେ ସମସ୍ତଙ୍କୁ ପହଞ୍ଚାଇ ଦେବୁ । ସନାତନ ଧର୍ମକୁ ତୁ ଜୀବନ୍ତ କରିବୁ । ଭୟ କରିବୁ ନାହିଁ । ତୁ ଦୁର୍ବଳର ବଳ । କୌଣସି କ୍ଷେତ୍ରରେ ଭାଙ୍ଗି ପଡ଼ିବୁ ନାହିଁ । ସାହସ ବାନ୍ଧିବୁ ରେ ଚରମ, ଏଠାରେ ପବନ, ପାଣି, ନିଆଁ, ପୃଥ୍ୱୀ ଆକାଶରେ ତୁ ସହଯୋଗୀମାନଙ୍କୁ ନେଇ ଚଳିବୁ । ତୁ ଶକ୍ତିମାନ ବୋଲି କେହି ଜାଣନ୍ତି ନାହିଁ । କାରଣ ଏ ଜଗତରେ ପ୍ରତ୍ୟେକେ, ତୀବ୍ର ମୋହରେ ଆଚ୍ଛନ୍ନ । ତୁ ଧୀରେ ଧୀରେ ସେମାନଙ୍କ ପାଖକୁ ଯାଇ ଧର୍ମ ଧାରା ବତାଇ ଦେବୁ । ସମସ୍ତଙ୍କ ମନରେ ଭ୍ରାତୃଭାବ ଜାଗରଣ କରାଇ ଦେବୁ । ବାଳକ, ଶିଶୁ, ବୃଦ୍ଧ, ଯୁବକ, ଯୁବତୀଙ୍କ ମନରେ ସମଭାବ ଆଣିଦେବୁ ।

ତୁ ଏପରି ଭାବେ କର୍ମ କରିବୁ, ଯେଉଁଭଳି ସମସ୍ତଙ୍କ ମଧ୍ୟରେ ଥିବା ଅହଂକାର ଅଭ୍ୟାସ ସୂତ୍ର ଦ୍ୱାରା ଦବିଯିବ । ମନରେ ଶଙ୍କା ରଖିବୁ ନାହିଁ । ସଂକୋଚ ହିଁ ଦୁଃଖ । ସେ ଦୁଃଖ ପ୍ରତ୍ୟେକ ଜୀବ ଭିତରେ ଭୟର କାରଣ ହୁଏ । ତୁ ଏହି ଭଳି ଭାବେ ସୂକ୍ଷ୍ମ ସୂତ୍ର ଦ୍ୱାରା ସମସ୍ତଙ୍କୁ ବୁଝାଇଦେବୁ । ଯେପରିକି ସମସ୍ତଙ୍କ ମନରେ ଆନନ୍ଦ ଫୁଟି ଉଠିବ । ଜାଣିଛି ତୋର ଇଚ୍ଛା ହିଁ ସର୍ବମଙ୍ଗଳ । ପ୍ରଥମେ ତୋତେ ପରିହାସ କରିବେ । କରନ୍ତୁ, ତୁ ସେଥିପ୍ରତି ବିରକ୍ତିଭାବ ପ୍ରକାଶ ନ କରି ତୋ କର୍ମ ପଥରେ ପଥିକ ହୋଇ ଚାଲିବୁ । କାହାରିକୁ କପଟ ଆଚରଣ କରିବୁ ନାହିଁ । ଏ ସୃଷ୍ଟିରେ କପଟ ବ୍ୟକ୍ତି ନିଜକୁ ନିଜେ ସମ୍ମାନ ଖୋଜେ । ତାହାର ମୁହଁର ଭାବ ସଙ୍ଗେ ଅନ୍ତରର କଥା ସମାନ ରୁହେ ନାହିଁ । ତେଣୁ ତୁ ତାଙ୍କ ହୃଦୟରେ ପଶି ଭାବ ତୋଳିବୁ । ସତ୍‌ର ଚେତନା ଆଣିବୁ । ପ୍ରତ୍ୟେକ ଜୀବ ଭିତରେ ଭଲ, ମନ୍ଦ ଅଛି । ତାର ଭଲକୁ ସବୁବେଳେ ଦେଖିବୁ । ମନ୍ଦକୁ ଚାହିଁଲେ, ତୁ ଏ ଜଗତରେ ମନ୍ଦ ହୋଇ ଫେରିଯିବୁ । ଖୁବ୍ ହୁସିଆରରେ ଚଳିବୁ । ତୋର ଭାଷା ଯେପରି ତୁଚ୍ଛା ବା କଳଙ୍କ ଜଡ଼ିତ ନ ହୁଏ ରେ, ଚରମ ।

ଧନ ରେ, ମନେ ମନେ ତୁ ନିନ୍ଦାକୁ ଯତନରେ ରଖିବୁ । ଯଦି ତାକୁ ତୋ ଅନ୍ତର ଭିତରକୁ ଆଣୁଁ, ତାହେଲେ ଧର୍ମ ଦାଣ୍ଡରେ ତୁ ଦୋଷୀ ହେବୁ, ଅନ୍ୟର ସୁଖ୍ୟାତିକୁ ଅର୍ଜନ କରି ଅଭ୍ୟାସ ଦ୍ୱାରା, ଆଚରଣ ଦ୍ୱାରା, ପୂର୍ବାପର ବାଣୀକୁ ଲୟ ରଖିଲେ, ତୁ ଭଲ ହୋଇ ଗଢ଼ି ଉଠିବୁ । ତୁ ସ୍ୱାର୍ଥ ବୁଦ୍ଧି ନେଇ ଅନ୍ୟ ଜୀବର ସୁଖ୍ୟାତି ଅର୍ଜନ କରିବୁ ନାହିଁ । ଠକି ଯିବୁ, ଜିହ୍ୱା ଲାଳସା, ସ୍ନେହ ଲାଳସାରେ ପଡ଼ିବୁ ନାହିଁ । ସୁନା ପିଲାଟି ପରା, ଧର୍ମ କେବେହେଲେ ବହୁ ହୁଏନା, ଭଗବାନ ଏକ । ତାର ତ ବହୁ ନାମ, ବହୁ ବାଟ ରଖାଯାଇଛି । ତୋତେ ବାରବାର କହିଛି, ଯେତେ ମଣିଷ ସେତେ ମତ । ମଣିଷ ମତ ମଧ୍ୟରେ ବିରୋଧ ଅଛି । କିନ୍ତୁ ଧର୍ମ ମତ ଉପରେ ଟିକିନିଖି ଦେଖିବାକୁ ଗଲେ, ବିରୋଧ ନାହିଁ ।

ଜୀବ ଜୀବ ମଧରେ ବିରକ୍ତି ଅଛି ।  କିନ୍ତୁ ତୁ ସେ ବିରକ୍ତି ତୋ ଭାବରେ ରଖିବୁ ନାହିଁ । ତୁ ସବୁବେଳେ ଅନ୍ତର୍ମୁଖୀ ଭାବ ନେବୁ । ସ୍ଥିର ରହିବୁ । ଏ ସୃଷ୍ଟିରେ ତୁ ସରଳ ମନ ଭାବ ନେଇ ଚଳିବୁ । କିନ୍ତୁ ଦେଖ, ସରଳ ହେବୁ, ଦୃଢ଼ ରହିବୁ । ବୋକା ହେବୁନି । ''ଚରମ'' ରେ ଯାହାଙ୍କଠାରେ ସର୍ବସ୍ୱ ବିକି ଦେଇଛୁ ତାଙ୍କରି ଆଦର୍ଶରେ ଜୀବନ ସମର୍ପି ଦେବୁ । ସେହି ହିଁ ସତ୍ । ସମସ୍ତେ ତୋତେ ଇଚ୍ଛାଧୀନ କରିବେ । ଯେପରି ଧୀର ପାଣି ପଥର କାଟେ, ସେହିପରି ତୋର ଗତି କରିବୁ । ପଚାରି ବୁଝିବୁ । ସନ୍ଦେହ ଦୂର କରିବୁ ।

ତୁ ନିଜେ, ଯେପରି ଆନନ୍ଦ ହୋଇ ଆସିଛୁ, ସେପରି ଅନ୍ୟକୁ ଆନନ୍ଦ ଦେବୁ । ଗୃହସ୍ଥ ଧର୍ମରେ ଯାଇ ଯେପରି ସମସ୍ତଙ୍କ ମନରେ ସଚ୍ଚିଦାନନ୍ଦଙ୍କ ଆନନ୍ଦ ପୂରଣ କରିବୁ । ଦୈନିକ ତୁ ତୋର ବିବେକକୁ ଅନୁସରଣ କରିବୁ । ବିବେକ ସତ୍ ବାଟ ଦେଇ ଆସେ । ତୁ ଏ ଜଗତରେ ସତ୍‌ର କାର୍ଯ୍ୟ କରିବୁ । ଅସତ୍‌ର ବୁଦ୍ଧି ଖଟାଇଲେ ଅନଳରେ ଦଗ୍ଧ ହେବୁ । ଖୁବ୍ ସାବଧାନ । ଅନ୍ତରର ଭାବ ଏକମୁଖୀ ରଖିବୁ । ଯିବା ପଥରେ ଖାଲ ଢିପ ଅଛି । ପଡ଼ି ଉଠି ତୋ ଲୟ ପଥରେ ପବନର ବେଗ ଭଳି ଗତି କରିବୁ ।

ଭକ୍ତି ଗ୍ରହଣ କରି ସମସ୍ତଙ୍କ ମନରେ ଭକ୍ତି ଭରପୁର କରିଦେବୁ । ତୁ ଯେତେ ସତ୍ ବିବେକୀ ହେବୁ, ତୋର ବୁଦ୍ଧି ସତ୍ ବାଟରେ ସେତେ ସୂକ୍ଷ୍ମ ହେବ । ତୁ ଜଗତର ମଙ୍ଗଳ କାର୍ଯ୍ୟରେ ଚାଲିଲେ ତୋ ଭିତରେ ନ୍ୟାୟ, ସତ୍,

ଆନନ୍ଦଭାବ ପୂର୍ଣ୍ଣ ହୋଇ ଉଠିବ । ଯେଝା କର୍ମକ୍ଷେତ୍ରରେ ଯେଝା ବଡ଼ ବୋଲି ଭାବିବୁ । ପିମ୍ପୁଡ଼ି ତାର କର୍ମ କ୍ଷେତ୍ରରେ ବଡ଼ । ସିଂହ ତାର କର୍ମ କ୍ଷେତ୍ରରେ ବଡ଼ । ତେଣୁ ସାନ, ଉଚ୍ଚ ନୀଚ ଭେଦଭାବ, ରଖିବୁ ନାହିଁ । ତୁ ସତ୍, କର୍ମ ସତ୍ । ସେବା କରି ଆସୁଛୁ ବୋଲି ପଛକୁ ଚାହିଁ ଦିନ ମାପିବୁ ନାହିଁ ।

ଆଜିଠାରୁ ଧର୍ମ-ପକ୍ଷୀ ହୋଇ ଆକାଶ ମାର୍ଗରେ ଉଡ଼ି ବୁଲିବୁ । ସମସ୍ତଙ୍କ ଭିତରେ ମୈତ୍ରୀଭାବର ବନ୍ଧୁତା ପୋଷଣ କରିବୁ । ସୁଚରିତ୍ର ପ୍ରତି ଦୃଷ୍ଟି ଦେବୁ । ତୁ ମନରେ ଭାବିବୁ ନାହିଁ ଯେ ଆମ୍ଭେ ସମ୍ପୂର୍ଣ୍ଣ ଠିକ୍ ହୋଇ ଯାଇଛୁ । ତାହା ନୁହେଁ । ଶିକ୍ଷା ସଂସ୍କୃତି, ଧର୍ମ ନେଇ ଆସିଥିବା ପରବର୍ତ୍ତୀ ଗୁରୁମାନଙ୍କର ନୀତି ବାଣୀକୁ ଶିକ୍ଷାଗତ ଯୋଗ୍ୟତାରେ ଲଗାଇବୁ । ଦିନ ମାପି ବସିବୁ ନାହିଁ । ହିଂସ୍ରକ ହୋଇଯିବୁ । ହୁସିଆର ହୋଇ ଚଳିବୁ ।

ତୁ ନଆସିବା ପୂର୍ବରୁ ଗୁରୁଦେବମାନଙ୍କର ବାଣୀ ଅଛି । **ସତ୍ୟ ପ୍ରଚାର କରିବାକୁ ଯାଇ ନିଜ ମହତତ୍ତ୍ୱର ଗଳ୍ପ କଥା କହିବୁ ନାହିଁ । ଗର୍ବ ଆସିବ ।** ସାହସର ସହିତ ଦମ୍ଭ ରଖି ଏକ ଲୟରେ ଚାଲିବୁ । ତୋ ଚାରିପାଖରେ ବିପଦ ଅଛି । ନଚେତ୍ ବିକାରଗ୍ରସ୍ତର ଭାବ ରଖି ଫେରିଯିବୁ ନାହିଁ । କଥାଟି ମାନୁଥିବୁ ଧନଟା ପରା.... ।

ତୁ ଯଦି ସବୁକଥା ବୁଝି ବିଚାରି କାର୍ଯ୍ୟ କରିଚାଲିବୁ, ତାଠାରୁ କୌଣସି ମନ୍ତ୍ର, ଯୋଗ, ଧ୍ୟାନ କ'ଣ ବଡ଼ ? ନାଁ ମ, ଆଚରଣ ହିଁ ବଡ଼ । **ବିଶ୍ୱାସ ଓ ଭକ୍ତିଠାରୁ ଶ୍ରେଷ୍ଠ ସାଧନ ଆଉ କ'ଣ ଅଛି ?** ତୁ ଯେଭଳି ଆଳସ୍ୟ ମନୋବୃତ୍ତି ନ ଆଣୁ ! ଆଳସ୍ୟ ଆଣିଲେ, ତୋର ମୁଣ୍ଡରେ ଆସୁରିକ ଅଭ୍ୟାସର ଛବି ବସା ବାନ୍ଧିବ । ତାହା ଦ୍ୱାରା ତୁ ଆଚରଣ ରଖି ପାରିବୁ ନାହିଁ । କାରଣ, ଯେଉଁ କୋଷ ଶରୀର ମଧ୍ୟରେ ଅଛି, ସେହି କୋଷରୁ ହିଁ ତୋର ଅହଂକାର ସୃଷ୍ଟି ହେବ । ରଜଗୁଣ ଓ ତମ ଗୁଣରେ ହିଂସାର ଜାଲ ବିସ୍ତାର କରିବରେ ଚରମ ! ଆଉ କ'ଣ ହେବ ଜାଣୁ ? ଅହଂକାର ଆସକ୍ତିରୁ ସ୍ନାୟୁ ସବୁ ଅବୁଝାମଣା ହୋଇ ଗତି କରିବ । ତା'ପରେ ଈର୍ଷା ଓ ହିଂସା ଜାଗ୍ରତ ହେବ । ଏଥିପ୍ରତି ନଜର ରଖିଥିବୁଟି ? ବାବୁରେ ! ଦୁଃଖ ଯେତେ ଆସିବ ଆସୁ । ଦୁଃଖ ଆସିଲେ ସଚ୍ଚରିତ୍ରବାନ୍ ହେବୁ । ଭିତରେ ସୁସଂସ୍କାର, ସିନ୍ଧୁ ଭଳି ଗଢ଼ି ଉଠିବ । ଆଉ କ'ଣ ହେବ ଜାଣୁ ? ବାବୁ ରେ, ସତ୍ୟ ଶାନ୍ତିର ମତି, ଦୟା କ୍ଷମାର ବିବେକ ଶରୀର ଭିତରେ ଗଢ଼ି ଉଠିବ । ଏ ଦୁନିଆ ଦୁଃଖ ସୁଖରେ ତିଆରି ହୋଇଛି । ମଙ୍ଗଳମୟ ଭଗବାନଙ୍କର ସଂସାର ଭିତରେ ରହି ଗତି କରି କଳିର କରାଳ ଦାଉରୁ ଦୁରେଇ ରହି, ସବୁରି ଜୀବଙ୍କ ମନରେ ଭକ୍ତି ଓ ପ୍ରେମ ଜାଗରଣ କରି ଜ୍ଞାନର ସୁଅ ଛୁଟାଇ ଦେବୁ । ଜ୍ଞାନର ସନ୍ଦେହ ରଖିବୁ ନାହିଁ । ନୀତିବାଣୀକୁ ନେତି ନେତି କରି ବୁଝିବୁ । ଜୀବଙ୍କୁ ନୀତିବାନ୍ କରାଇବୁ । **ଜୀବ ଭିତରେ କର୍ମଫଳ ଅଛି । ତେଣୁଁ ଅଭ୍ୟାସ କର୍ମ ପ୍ରତି ଗୁରୁତ୍ୱ ଦେବୁ । ଅଭ୍ୟାସ କର୍ମ ଦ୍ୱାରା ସବୁଫଳ ସାଧିତ ହୁଏ ।** ସବୁବେଳେ ସତ୍ କର୍ମର ଦୈନନ୍ଦିନ ବିବରଣୀ ଜୀବମାନଙ୍କୁ ଶୁଣାଇଦେବୁ । ଆଧ୍ୟାତ୍ମିକ ଆଚରଣ ଦୈନନ୍ଦିନ ପାଇଁ ପ୍ରେରଣା ଯୋଗାଇବୁ ।

ତୁ ଯେଭଳି ଅବୋଧ, କିଛି ବୋଧ ନେଇ ଆସିଛୁ, ସମସ୍ତେ ଏ ଜଗତରେ ଦେହର ଗଠନ ନେଇ ବୋଧଶକ୍ତି ଆଣିଛନ୍ତି । ହେଲେ **ତୁ ପରମେଶ୍ୱରଙ୍କ ନିକଟରୁ ଚେତନାଫଳ ଆଣିଛୁ ।** ସମସ୍ତଙ୍କ ଚିତ୍ତରେ ଚରିତ୍ରର ଛବି ତୋଳି ଦେବୁ । ତେଣୁ ସଭିଏଁ ଶାନ୍ତି, ଆନନ୍ଦରେ ରହି ପାରିବେ ।

''ଚରମ ରେ'' ଗଳାମାଳି ମୋର, ଗାରିମା, ଦେଖାଇବୁ ନାହିଁ । ଗୁରୁହେବୁ ନାହିଁ । ଗୈରିକ ବସନ ପିନ୍ଧି ଭାବକୁ ଗେରୁଆ କରିବୁ । ''ଚରମ'' ରେ, ତୋର କର୍ମ ପ୍ରତି ସର୍ବଦା ମୋର ଶୁଭ ଦୃଷ୍ଟି ଅଛି । ତୁ ପରା ମୋର କୋଳପୋଛା ଗେହ୍ଲାପୁଅ । ମୁଁ ଆଶୀର୍ବାଦ କରୁଛି, ତୁ ବିଶ୍ୱ ବ୍ରହ୍ମାଣ୍ଡରେ ମୋର ଅତିପ୍ରିୟ, ସନାତନ ଧର୍ମ ପ୍ରତିଷ୍ଠା କରି, ସତ୍ୟ, ଶାନ୍ତି, ଭାବ, ପ୍ରେମର ପ୍ରତୀକ ସନାତନୀ କେତନ ଅନନ୍ତ ଆକାଶରେ ଉଡ଼ାଇ, ବିଶ୍ୱ ବକ୍ଷରେ ନିତ୍ୟ ରାହାସର ଅମୃତ ନିର୍ଝର ବୁହାଇ ମୋର କୋଳକୁ ଫେରିଆ ।।ଇତି।।

ତୋର ଚିରମଙ୍ଗଳାକାଙ୍କ୍ଷୀ

ପିତା

✪●✪

ଯେ କୌଣସି ପରିବେଶ, ପରିସ୍ଥିତିରେ ରହିଲେ ବି ଶ୍ରୀଗୁରୁଙ୍କୁ ପ୍ରେମକର । ତୁମ ଶରୀରର, ପରିବାରର ଜଣେ ସଦସ୍ୟ ବୋଲି ଭାବ । ସେମାନଙ୍କ ପ୍ରତି ତୁମର ଯାହା କରଣୀୟ, କର୍ତ୍ତବ୍ୟ ବୋଲି ଭାବୁଛ-ନିର୍ବିଚାରରେ, ନିର୍ବିକାରରେ ଗୁରୁଙ୍କ ପାଇଁ ତାହାହିଁ କରିଯାଅ । ଦେଖିବ, କିପରି ଶାନ୍ତି ରାଜ୍ୟରେ ବିଚରଣ କରିବ ।

- ଅଧର ପିୟୂଷ -

# ଚରମର ପ୍ରଚ୍ଛଦପଟ ସଂପର୍କରେ

'ଚରମ'ର ପ୍ରଚ୍ଛଦପଟ ସୃଷ୍ଟି ରହସ୍ୟର ଦ୍ୟୋତକ । ସୃଷ୍ଟି ଓ ସ୍ରଷ୍ଟା ସର୍ବଦା ରହସ୍ୟାଚ୍ଛନ୍ନ । ସେହି ରହସ୍ୟ ଉଦ୍‌ଘାଟନ କରିବା ସମସ୍ତଙ୍କ ପକ୍ଷରେ ସମ୍ଭବ ନୁହେଁ । ଶ୍ରୀଶ୍ରୀଶ୍ରୀ ଠାକୁର ଅପାର କରୁଣା ପରବଶ ହୋଇ ସଂକ୍ଷେପରେ ''ଚରମ''ର ପ୍ରଚ୍ଛଦପଟ ସଂପର୍କରେ ଦୁଇପଦ ଲେଖି ଆମ୍ଭମାନଙ୍କର ଚକ୍ଷୁରେ ଜ୍ଞାନାଞ୍ଜନ ବୋଳିଦେଇ ଅଜ୍ଞାନ ଅନ୍ଧକାର ଦୂର କରିଛନ୍ତି । କରୁଣାସାଗର ଠାକୁରଙ୍କ ନିକଟରେ ଅଗଣିତ ପାଠକ ପାଠିକା, ଗ୍ରାହକ ଗ୍ରାହିକା, ଭକ୍ତ ଅନୁଗତ ଭାଇଭଉଣୀଙ୍କ ତରଫରୁ ସଂପାଦକ କୃତଜ୍ଞତା ଜ୍ଞାପନ କରୁଛି ।।

ଅନନ୍ତ ସୃଷ୍ଟି ସଦା ପରିବର୍ତ୍ତନଶୀଳ । ସ୍ରଷ୍ଟାର ନିୟମ ଭିତରେ ଆମକୁ ଗତି କରିବାକୁ ପଡ଼ିବ । ସେଇ ଗତିପଥରେ ତ୍ୟାଗ, ନିଷ୍ଠା ଓ ସେବାର ଆବଶ୍ୟକ ପଡ଼େ । ସୃଷ୍ଟି ତତ୍ତ୍ୱ ଜାଣିବାକୁ ହେଲେ ସେ ବିଷୟରେ ଗଭୀର ଆଲୋଚନା ଦରକାର । ସୃଷ୍ଟି ତତ୍ତ୍ୱ ମୂଳରେ ଗୋଟିଏ କାରଣ ଥାଏ । କାରଣ ବିନା କାର୍ଯ୍ୟ ଅସମ୍ଭବ । ବାସ୍ତବରେ ସେଥିପାଇଁ କୁହାଯାଇଛି ''ସତ୍ୟଂ ମୂଳା କ୍ରିୟା ସର୍ବାଃ'' । ଅର୍ଥାତ୍ ପ୍ରତ୍ୟେକ କାର୍ଯ୍ୟର ମୂଳରେ ସତ୍ୟ ସନାତନ ରୂପୀ ପୁରୁଷ ବିରାଜମାନ । **ଅବ୍ୟକ୍ତ କିପରି ବ୍ୟକ୍ତ ହୋଇ ଇଚ୍ଛାନୁମତେ 'ଜୀବବ୍ରହ୍ମ' ତିଆରି କଲା ତାହା ଏଇ 'ଚରମ'ର ପ୍ରଚ୍ଛଦପଟରେ ଉଲ୍ଲେଖ କରାଯାଇଛି ।**

**ଅବ୍ୟକ୍ତ ମଣ୍ଡଳ ବା ଅନାଦି କାରଣ ଜଗତ୍** ଇଚ୍ଛାନୁମତେ ସୂକ୍ଷ୍ମ ସ୍ୱରୂପ ନେଇ ଗୈରିକ ବର୍ଣ୍ଣରେ ବ୍ୟକ୍ତ ହେଲା । ବ୍ୟକ୍ତ ସୂକ୍ଷ୍ମାଦି-ସୂକ୍ଷ୍ମକଣିକା ଅନନ୍ତ ସୃଷ୍ଟି ପରିବ୍ୟାପ୍ତ କଲା । ପ୍ରଚ୍ଛଦପଟର ବର୍ଣ୍ଣ ଗୈରିକ ହେବାର କାରଣକୁ ବୁଝାଏ । ସେହି ଅନନ୍ତ ସୃଷ୍ଟି ସୂକ୍ଷ୍ମ ବ୍ୟକ୍ତବ୍ରହ୍ମ ଗୈରିକ ବର୍ଣ୍ଣ **''ସନାତନ''** (ଯାହା ଥିଲା, ଅଛି ଓ ଥିବ) ଧର୍ମରେ ଲୁଚି ରହି ନିତ୍ୟରାଧା ନିତ୍ୟ କୃଷ୍ଣ ରୂପେ ମୂଳବୀଜ ତିଆରି କଲା । ପ୍ରଚ୍ଛଦପଟର ଉପର ପଦ୍ମଦଳ ଚକ୍ର କେନ୍ଦ୍ର ଧବଳାଂଶ ମଧ୍ୟସ୍ଥିତ ମୂଳବିନ୍ଦୁ ରଙ୍ଗ ହଳଦିଆ ହେଉଛି **ନିତ୍ୟରାଧା, ନିତ୍ୟକୃଷ୍ଣ ସନାତନ** । ସେ ଇଚ୍ଛା କରିବାରୁ ଅବ୍ୟକ୍ତର କାରଣ ସତ୍ତା ମଧ୍ୟରେ ସୂକ୍ଷ୍ମ ସ୍ୱରୂପର ଅଷ୍ଟ ପୁଷ୍ପ ପାଖୁଡ଼ାମଣ୍ଡଳ ସୃଷ୍ଟି କଲା । ପ୍ରଚ୍ଛଦପଟରେ ଥିବା ମୂଳ ବିନ୍ଦୁକୁ ପରିବ୍ୟାପ୍ତ କରିଥିବା ଅଷ୍ଟପାଖୁଡ଼ାରେ ପଦ୍ମଦଳ ବିଦ୍ୟମାନ । ଏହି ପଦ୍ମଦଳ ପାର୍ଶ୍ୱବେଷ୍ଟିତ ଧବଳାଂଶ ଅଷ୍ଟ ପାଟବଂଶୀ ସୂକ୍ଷ୍ମରେ ଲୀଳା କରୁଛନ୍ତି ।

**୧୬ ଦଳ (ପାଖୁଡ଼ା) ବିଶିଷ୍ଟ ପଦ୍ମ ହେଉଛି-କୈବଲ୍ୟ ମଣ୍ଡଳ ।** ଅବ୍ୟକ୍ତର ସ୍ୱଇଚ୍ଛାରେ ସୂକ୍ଷ୍ମଭାବରେ କୈବଲ୍ୟ ଅଂଶମାନ ଅଛି । ଏହି ପଦ୍ମଦଳ ପାର୍ଶ୍ୱ ବେଷ୍ଟିତ ଧବଳାଂଶ - ଅବତାରୀ ବ୍ରହ୍ମ ଅଷ୍ଟମ ପଦ୍ମ ମଣ୍ଡଳ ପର୍ଯ୍ୟନ୍ତ ସ୍ଥିତ ଅଛି । ଏହା ୨୨ ରୁ ୮୪ କୈବଲ୍ୟ ପଦ୍ମ ଦଳ ପର୍ଯ୍ୟନ୍ତ ସୂକ୍ଷ୍ମଭାବରେ ସ୍ଥିତ ।

**୩୨ ଦଳ (ପାଖୁଡ଼ା) ବିଶିଷ୍ଟ ପଦ୍ମ ହେଉଛି - ସନାତନ ଧର୍ମ ମଣ୍ଡଳ** । ଏହି ମଣ୍ଡଳରେ ସୂକ୍ଷ୍ମ ସ୍ୱରୂପରେ ଧର୍ମପୁତ୍ର, ଉତ୍ତମ ପୁତ୍ରମାନଙ୍କର ବ୍ରହ୍ମ ଅବସ୍ଥାନ କରନ୍ତି । ସେମାନେ ଗୋତ୍ର, ପ୍ରବର, ଶାଖାଦିର ପ୍ରବର୍ତ୍ତକ ଭାବରେ ସଂଲଗ୍ନ ହୋଇ ଅବସ୍ଥାନ କରନ୍ତି । ଏହି ପଦ୍ମ ପାର୍ଶ୍ୱରେ ଯେଉଁ ଧବଳବର୍ଣ୍ଣ କୁଞ୍ଚୁକୁଞ୍ଚିଆ ଭାବରେ ଅଛି, ସେ ସମସ୍ତ ଭାବ, ଭକ୍ତି, ପ୍ରେମ, ବ୍ରହ୍ମତତ୍ତ୍ୱ ଜ୍ଞାନ ଓ ବିଜ୍ଞାନ ଅଟେ ।

**୬୪ ଦଳ (ପାଖୁଡ଼ା) ପଦ୍ମ ହେଉଛି - ନିରଞ୍ଜନ ମଣ୍ଡଳ ।** ଏହି ପଦ୍ମ ହଳଦିଆ ଗୃହରେ ଯେଉଁ ଗୈରିକ ଗାର ପଡ଼ିଛି ତାହା ହେଉଛି କାରଣ ସତ୍ତା ବ୍ରହ୍ମା, ବିଷ୍ଣୁ, ଶିବଙ୍କର ତରଙ୍ଗାୟିତ ଅବସ୍ଥା ବା ଢ଼ଳ ଢ଼ଳ ଜଳବିନ୍ଦୁ ପରି । ଏହି ଅନାଦି ମଣ୍ଡଳର ବ୍ରହ୍ମା, ବିଷ୍ଣୁ, ଶିବ, ଗୋତ୍ରାଦି, ପ୍ରବର, ମହାଶକ୍ତି, ଯୋଗମାୟା - ସୂକ୍ଷ୍ମରେ ଇଚ୍ଛାନୁମତେ ଗୋପନୀୟଭାବେ ଥିଲେ । କାରଣରୁ ସୂକ୍ଷ୍ମ ଜଗତକୁ ଆସି ବିନ୍ଦୁ, ଅର୍ଦ୍ଧ (ଓଁ)ର ବ୍ୟକ୍ତ ଭାବରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ତ୍ରିଗୁଣ ନାମ ସ୍ୱରୂପ ବ୍ୟକ୍ତ ହେଲା । ଏହା ସତ, ରଜ, ତମ ତ୍ରିଗୁଣ ନାମରେ ବିଦିତ । ବ୍ରହ୍ମା ସୃଷ୍ଟି କର୍ତ୍ତା, ବିଷ୍ଣୁ- ପାଳନକର୍ତ୍ତା, ମହେଶ୍ୱର - ସଂହାର କର୍ତ୍ତା ନିମନ୍ତେ କଳେବର ଲୀଳା ପ୍ରକଟ ହେଲା । ପ୍ରଚ୍ଛଦପଟ ଅବ୍ୟକ୍ତ ମୂଳ ବିନ୍ଦୁରୁ କ୍ଷରିତ ହୋଇଥିବା ମଧ୍ୟସ୍ଥଳରେ ସ୍ଥିତ ଷୋଡ଼ଶ ପଦ୍ମଦଳଟି ''ଓଁ କାର ମଣ୍ଡଳ'' ।

**ଓଁ କାର ମଣ୍ଡଳ ବା ସୂକ୍ଷ୍ମ ଜଗତ -** ପ୍ରଚ୍ଛଦପଟ ୧୬ ଦଳରେ ଯେଉଁ ଲୋହିତ, ଶୁକ୍ଳ, କୃଷ୍ଣଗାର ଅଛି, ତାହା ''ଅ, ଉ, ମ'' ର ତରଙ୍ଗାୟିତ ଅବସ୍ଥା । କେନ୍ଦ୍ରବିନ୍ଦୁ ନିତ୍ୟ ବିଷ୍ଣୁଙ୍କ ନାଭିରୁ ବ୍ରହ୍ମା, ସାବିତ୍ରୀ ସମ୍ଭୂତ । ସେ ଜୀବ ସୃଷ୍ଟି କଲେ ରାଜସ ଗୁଣରେ । ସାତ୍ତ୍ୱିକ ଗୁଣରେ ଲକ୍ଷ୍ମୀ ନାରାୟଣ ପାଳନ କଲେ । ତାମସ ଗୁଣରୁ ଶିବ, ପାର୍ବତୀ ସଂହାର ଦାୟିତ୍ୱ ବହନ କଲେ । ଏହି ଓଁ କାର ମଣ୍ଡଳରେ ତତ୍ତ୍ୱର ଭାବ, ସ୍ୱରୂପ ଜ୍ଞାନ, ନେଇ ବ୍ରହ୍ମା ଅନେକ ସୃଷ୍ଟି ତିଆରି କଲେ । ଆଦି ଜଗତରେ **'ମାୟା ମଣ୍ଡଳ'** ମଧ୍ୟ ତିଆରି କଲେ । ବିଷ୍ଣୁ ପାଳନ ଓ ମୁକ୍ତି ମୋକ୍ଷର ଦାୟିତ୍ୱ ନେଲେ । ବୈଷ୍ଣବ ମଣ୍ଡଳ ତତ୍ତ୍ୱର ଭାବ ସୂକ୍ଷ୍ମରେ ରଖିଲେ । ଶିବ ଏହି ଓଁ କାର ତତ୍ତ୍ୱରେ ରହି ସଂହାରର ଭାବ ବହନ କଲେ । ଜ୍ଞାନର ସ୍ୱରୂପ ରାସ୍ତା ଶିବଙ୍କ ଦ୍ୱାର ଦେଇ ସପ୍ତଲୋକକୁ ଆସେ ।

**ଶକଟକ ମଣ୍ଡଳ ବା ସ୍ଥୂଳ ଜଗତ -** କେନ୍ଦ୍ର ବିନ୍ଦୁରୁ ଯେଉଁ ରଶ୍ମି ପାଦପଦ୍ମରେ ଭେଦ କରିଅଛି, ତାହା **ଶକଟକ ବା ବିରାଟ ପୁରୁଷମାନେ** ଏଇଠାରେ ଲୀଳା କରନ୍ତି । ସେହି ଲୀଳାର କଳେବର ୩୫ ସୂକ୍ଷ୍ମ ପାଖୁଡ଼ାରେ ତିଆରି । ସେଇ ପାଖୁଡ଼ାରେ ଯେଉଁ ତୀର୍ଯ୍ୟକ୍ ଗାରଗୁଡ଼ିକ ପଡ଼ିଛି, ତାହା ସବୁ ସିଦ୍ଧିର ସ୍ଥାନ ଅଟେ । ହରିଦ୍ରା ବର୍ଣ୍ଣର ରଶ୍ମିରେ ଯେଉଁ ଗୈରିକ ବର୍ଣ୍ଣ ଅଛି, ତାହା ହେଉଛି କୈବଲ୍ୟ ଅଂଶଙ୍କ ବିଜେ ସ୍ଥଳୀ । ଆରମ୍ଭରୁ ଏବେ ସୁଦ୍ଧା ଥିବା ପର୍ଯ୍ୟନ୍ତ ଏହି ସ୍ଥାନରେ ଠୁଳ ହୋଇ ଆସୁଥିବା ଦିବ୍ୟ ସନ୍ଦେଶ ନାଦ ବିନ୍ଦୁ ସହିତ ଯୋଗ ହୋଇଅଛି । ପଦ୍ମଦଳରେ ଚାରି ପାଖରେ ଯେଉଁ ଲହଡ଼ିର ମାଳ ମାଳ ଗୋଲାକାର ଧାରଣ କରିଛନ୍ତି, ତାହା ଚେତନ, ତତ୍ତ୍ୱମାଳା, ବିସ୍ତୃତ ଭାବେ ଲୀଳା କରନ୍ତି । ଏହିଠାରେ **ବ୍ରହ୍ମାଣ୍ଡ ମାଳ ମାଳ ହୋଇ ସ୍ଥୂଳରେ ବିରାଜିତ** । ପାଦ ଚିହ୍ନ ଦିବ୍ୟ ସନ୍ଦେଶ ଓ ଅଭୟ ପ୍ରଦାନ କରେ ।

✪●✪

## : ଚରମ ପତ୍ରିକାର ବ୍ୟବହାର ବିଧି :

'ଚରମ'ର ଗ୍ରାହକ/ଗ୍ରାହିକା, ପାଠକ/ପାଠିକା ଇତ୍ୟାଦି ସମସ୍ତଙ୍କୁ ସବିନୟ ଅନୁରୋଧ -

- ଗୀତା, ଭାଗବତ ଇତ୍ୟାଦି ଧର୍ମପୁସ୍ତକ ପରି ନିଷ୍ଠା ଓ ଶୁଚୀବନ୍ତ ଭାବରେ ଏହା ବ୍ୟବହାର କରିବେ ।
- ଯେଉଁଠି ସେଇଠି ଏହା ରଖିବେ ନାହିଁ ବା ଅଯତ୍ନ କରିବେ ନାହିଁ ।
- ପତ୍ରିକାରୁ ବିଗ୍ରହ ଛିଡ଼ାଇ ନେବେ ନାହିଁ ବା ପତ୍ରିକାକୁ ବିକଳାଙ୍ଗ କରିବେ ନାହିଁ ।
- ଠାକୁରଙ୍କର ଆସ୍ଥାନ ନିକଟରେ ଯତ୍ନର ସହିତ ଏହା ରଖିବେ ଓ ନିୟମିତ ପାଠ କରିବେ ।
- ଭକ୍ତି, ନିଷ୍ଠା, ଆନ୍ତରିକତା, ସେବା ଓ ତ୍ୟାଗ ମନୋଭାବ ପୋଷଣ କଲେ, ସର୍ବସିଦ୍ଧି ହେବ ॥

❖❖❖




# ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ଇତିବୃତ୍ତି

**ବୈଶାଖ** ୧୩୯୮ ସାଲ ପବିତ୍ର ଅକ୍ଷୟ ତୃତୀୟା ତିଥିରେ (୧୯ ମଇ ୧୯୯୧) ପୂଣ୍ୟଭୂମି ସ୍ୱର୍ଣ୍ଣକ୍ଷେତ୍ର (ମାହାଙ୍ଗା) ଠାରେ ''ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍''ର ଜନ୍ମ । ଏହାର ପ୍ରତିଷ୍ଠାତା ସ୍ୱୟଂ ପରମବ୍ରହ୍ମ ପୁରୁଷୋତ୍ତମ ଠାକୁର ଶ୍ରୀ ଗୁରୁସ୍ୱାମୀ କେଶବଚନ୍ଦ୍ର । ତାଙ୍କରି ନିର୍ଦ୍ଦେଶରେ ସନାତନ ଧର୍ମକୁ ପୁନଃ ଉଜ୍ଜୀବିତ କରିବା ପାଇଁ ମହାନ୍ ଯୁଗଧର୍ମୀ ଧ୍ୱଜା **''ସନାତନୀ କେତନ''** ଉତ୍ତୋଳନ କରାଯାଇ ବିଶ୍ୱକୁ ଧର୍ମ ଚେତନାର ଡାକରା ଦିଆଯାଇଥିଲା । ପଞ୍ଚଦଶ ଶତକର ପଞ୍ଚସଖା ମହାପୁରୁଷଙ୍କ ଦ୍ୱାରା ରଚିତ ମାଳିକା ବର୍ଣ୍ଣନା ଅନୁଯାୟୀ ସ୍ଥାନ ତିଥି ଦିବସମାନଙ୍କରେ ଠାକୁରଙ୍କ ଗହଣରେ ସତ୍‌ସଙ୍ଗ କାର୍ଯ୍ୟକ୍ରମ ପାଳନ କରିବା ସଙ୍ଗେ ସଙ୍ଗେ ଉକ୍ତ ''ସନାତନୀ କେତନ'' ଉତ୍ତୋଳନ କରାଯାଏ ଏବଂ ପ୍ରତିବର୍ଷ ଏହା ପାରମ୍ପରିକ ରୀତିରେ ପାଳିତ ହୁଏ । ସମସ୍ତ ବିଦ୍ୟାର ସମାଧାନ ସୂତ୍ର ନିର୍ଣ୍ଣୟ ଓ ଗବେଷଣା କରି ସମଗ୍ର ଜଗତକୁ ଜ୍ଞାନାଲୋକ ପ୍ରଦାନ କରିବା ଏହାର ଲକ୍ଷ୍ୟ ।

କଳିର କରାଳ ଗ୍ରାସରେ ଅଧର୍ମ ବ୍ୟାପୀ ଯାଇଥିବାରୁ ପତିତ ମାନବ ଜାତିକୁ ଉଦ୍ଧାର କରିବାପାଇଁ ପରିଷଦ୍‌ର **ପ୍ରତିଷ୍ଠାତା ଶ୍ରୀ ଗୁରୁସ୍ୱାମୀଙ୍କ** ଆଦେଶକ୍ରମେ ବ୍ୟକ୍ତି ଚରିତ୍ରକୁ ଆମୂଳଚୂଳ ସଂଶୋଧନ କରି ସଂଘଶକ୍ତି ମାଧ୍ୟମରେ ବୈପ୍ଳବିକ କର୍ମ ପ୍ରସାର କରି ବିଶ୍ୱରେ ଧର୍ମ ସଂସ୍ଥାପନ କରିବା ପାଇଁ ଏହି ସଂଘ **''ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍''** ଉଦିଷ୍ଟ ।

ଓଡ଼ିଶା ସରକାରଙ୍କର ସାମାଜିକ ସମବାୟ ସମିତିର ରେଜିଷ୍ଟ୍ରେସନ୍ ଆଇନ୍ ଅନୁଯାୟୀ ପତ୍ର ନଂ **୧୦୫୬୮/୬୨-୧୯୯୨/୯୩ ତା ୨୧.୪.୯୨** ମାଧ୍ୟମରେ ସରକାରୀ ସ୍ୱୀକୃତି ଲାଭ କରିଛି । ପରିଷଦ୍ ବର୍ତ୍ତମାନ ପାଇଁ ସାମାଜିକ ତଥା ଆଧ୍ୟାତ୍ମିକ ଉନ୍ନତି ସାଧନ ନିମନ୍ତେ ତା'ର ଆଠଗୋଟି ସଂସ୍ଥା ମାଧ୍ୟମରେ କର୍ମବିସ୍ତାର କରିଛି । ଯଥା -

୧. ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘ (ମୋକ୍ଷମାର୍ଗ ଦ୍ୱାରା ଚରମ ପ୍ରାପ୍ତି)

୨. କ୍ଷେତ୍ର ପରିଚାଳନ ସମିତି (ସ୍ୱଧାମ ପ୍ରତିଷ୍ଠା)

୩. ବାପୁଜୀ ଶିଶୁ ମନ୍ଦିର (ବାଳନାରାୟଣ ବା ମାଧବସେବା)

୪. ସେବାଶ୍ରମ ସଂଗଠନ (ତ୍ୟାଗ ଓ ନିଷ୍ଠା)

୫. ସାହିତ୍ୟ ସଂସଦ (ସଦ୍‌ଜ୍ଞାନାଦିର ପରିପ୍ରଚାର ଓ ପ୍ରସାର)

୬. କ୍ଷିତିଜ୍ୟୋତି ସଂଗୀତ ମହାବିଦ୍ୟାଳୟ (ଭାବର ତରଙ୍ଗ ସୃଷ୍ଟି)

୭. ମାତୃ ବନ୍ଦନା ସଂଗଠନ (ମାତୃଭକ୍ତି) ।

୮. ସନାତନ ଆଧାତ୍ମିକ ବିଦ୍ୟା-ନିକେତନ (ଅଧ୍ୟାତ୍ମ ଶିକ୍ଷା)

**୧. ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘ :**

ଏହା ପରିଷଦର ଏକ ମୁଖ୍ୟ ଅଙ୍ଗ ଓ ମୂଳଭିତ୍ତି । ଏହା ପରିଷଦର ପ୍ରତିଷ୍ଠାତା **ଶ୍ରୀ ଗୁରୁସ୍ୱାମୀଙ୍କ** ପ୍ରତ୍ୟକ୍ଷ ନିର୍ଦ୍ଦେଶରେ ପରିଚାଳିତ ହୁଏ । ଏହାର ଧ୍ୱଜା ହେଉଛି **"ସନାତନୀ କେତନ"** । ୧୯୯୧ ମସିହା ଅକ୍ଷୟ ତୃତୀୟା ତିଥିରେ ମହାନ୍ ଧ୍ୱଜା ସର୍ବପ୍ରଥମେ ଉତ୍ତୋଳନ କରାଯାଇଥିଲା । ସ୍ୱୟଂ ଅବତାରୀ ପୁରୁଷ ଶ୍ରୀ ଗୁରୁସ୍ୱାମୀଙ୍କ ଆଦେଶରେ ବିଶ୍ୱକୁ ରକ୍ଷା କରିବା ପାଇଁ ଧର୍ମ ଡାକରା ଦିଆଯାଇଥିଲା ।

**ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘର ସଭ୍ୟ** ହେଉଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ପରିଷଦର ସାଧାରଣ ସଭ୍ୟଭାବରେ ଗ୍ରହଣ କରାଯାଏ । ଏହି ସଂଘ ମାଧ୍ୟମରେ ପ୍ରତ୍ୟେକ ବ୍ୟକ୍ତିର ଚରିତ୍ରଗଠନ ପାଇଁ ଶ୍ରୀ ଗୁରୁସ୍ୱାମୀଙ୍କ ଦ୍ୱାରା ଜୀବକୋଷ ମଧ୍ୟସ୍ଥ ଗୁଣପିଣ୍ଡ ବା ଜିନ୍ ନିର୍ବାଚନ କରାଯାଇ ଧର୍ମ ଧାରାର ମାର୍ଗ ଦର୍ଶନ ସୂତ୍ର ଧାରା ଦିଆଯାଏ । ବିଶ୍ୱମୈତ୍ରୀ ଭାବ ପୋଷଣ କରି ଭ୍ରାତୃତ୍ୱ ଭାବରେ ପ୍ରତ୍ୟେକ ଅନୁପ୍ରାଣିତ ହୋଇ ଏକମୁଖୀ ହେବା ପାଇଁ ଜାଗତିକ ସତ୍‌ସଙ୍ଗ ସଭା ଅନୁଷ୍ଠିତ ହୁଏ । ସ୍ଥାନେ ସ୍ଥାନେ "କ୍ଷିତିଜ୍ୟୋତି ଆଶ୍ରମ" ନାମରେ ସତ୍‌ସଙ୍ଗ ସଂଗଠନ ଶାଖାମାନ ଖୋଲାଯାଇ ଗୁରୁଭାଇ/ଭଉଣୀମାନଙ୍କୁ ଦିବ୍ୟତ୍ୱ ପ୍ରାପ୍ତି ବା ଚରମପ୍ରାପ୍ତି ନିମନ୍ତେ **ଶ୍ରୀ ଗୁରୁସ୍ୱାମୀଙ୍କ** ନିର୍ଦ୍ଦେଶିତ ଆଧ୍ୟାତ୍ମିକ ଶିକ୍ଷା ଦିଆଯାଏ । ନୂତନ ଅନନ୍ତ ଯୁଗ ପ୍ରତିଷ୍ଠା ନିମନ୍ତେ ଶ୍ରୀ ଗୁରୁସ୍ୱାମୀଙ୍କ ଆଜ୍ଞାରେ "ମହାଜାଗତିକ ସତ୍‌ସଙ୍ଗ" ଗୁପ୍ତ ଭାବରେ ପାଳନ କରାଯିବା ସଙ୍ଗେ ସଙ୍ଗେ ଦିବ୍ୟାତ୍ମାମାନଙ୍କ ମଧ୍ୟରେ ଭକ୍ତି ସଞ୍ଚାର, ଯୋଗାଯୋଗ ରକ୍ଷା, ଦର୍ଶନ, ପତିତ ଜନ ବିସ୍ମୃତ ସ୍ଥାନ ପ୍ରଭୃତିରେ ଉଦ୍ଧାର କାର୍ଯ୍ୟ ସମ୍ପାଦିତ ହୁଏ ।

**୨. କ୍ଷେତ୍ର ପରିଚାଳନା ସମିତି :**

ଏହା **"କ୍ଷିତି ଜ୍ୟୋତି ଆଶ୍ରମ"** ର ମୁଖ୍ୟ କେନ୍ଦ୍ର ଏବଂ **ସ୍ୱର୍ଣ୍ଣକ୍ଷେତ୍ର**ରେ ପାରମ୍ପରିକ ରୀତିରେ ପାଳିତ ହେଉଥିବା ସମସ୍ତ ପୂଜା, ପର୍ବ ପର୍ବାଣୀକୁ ଯଥାରୀତିରେ ପାଳନ କରିବ । ଅତିଥି, ଯାତ୍ରୀ, ଭକ୍ତଜନମାନଙ୍କୁ ସେବା, ସୂଚନା ଇତ୍ୟାଦି ଯୋଗାଇ ଦେବା ତଥା କ୍ଷେତ୍ରର ଉତ୍ତରୋତ୍ତର ଉନ୍ନତି ସାଧନ ନିମନ୍ତେ ଯୋଜନା ସ୍ଥିର କରି କାର୍ଯ୍ୟକାରୀ କରିବା ପାଇଁ ଏହା ଉଦ୍ଦିଷ୍ଟ । କ୍ଷେତ୍ରର ସୌନ୍ଦର୍ଯ୍ୟ ରକ୍ଷା କ୍ଷେତ୍ରରେ ନୀତିନିୟମ ନିର୍ଦ୍ଧାରଣ, ଯାତ୍ରୀମାନଙ୍କ ପାଇଁ ବିଶ୍ରାମଗାର, ଭକ୍ତି ଓ ପ୍ରେମ ମାଧ୍ୟମରେ ଧର୍ମଭାବ ଜାଗରଣ ତଥା ଈଶ୍ୱର ଦର୍ଶନ ନିମନ୍ତେ **ଅଖଣ୍ଡ ମହାମନ୍ତ୍ର** ନାମ ସଂକୀର୍ତ୍ତନ ଇତ୍ୟାଦି କାର୍ଯ୍ୟକ୍ରମମାନ ଏହି ବିଭାଗ ଦ୍ୱାରା ପରିଚାଳିତ ହୁଏ ।

**୩. ବାପୁଜୀ ଶିଶୁ ମନ୍ଦିର :**

ଜାତିର ଜନକ ମହାତ୍ମାଗାନ୍ଧୀ ଜାତି, ଧର୍ମ, ବର୍ଣ୍ଣ, ସୀମା ନିର୍ବିଶେଷରେ ପତିତ ଶିଶୁମାନଙ୍କୁ ଅତି ଆଦରର ସହ ସ୍ନେହ ଶ୍ରଦ୍ଧା କରୁଥିଲେ ଏବଂ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି ପାଇଁ ସଂଗ୍ରାମ ଚଳାଇଥିଲେ ବୋଲି ତାଙ୍କରି ସ୍ମୃତି ଉଦ୍ଦେଶ୍ୟରେ ଏହି ବିଭାଗର ନାମକରଣ ରଖାଯାଇଛି ।

ସମାଜରେ ଅବହେଳିତ, ନିର୍ଯ୍ୟାତିତ, ପତିତ ପିତୃମାତୃହୀନ ଶିଶୁମାନଙ୍କ ରକ୍ଷଣାବେକ୍ଷଣର ପୂର୍ଣ୍ଣ ଦାୟିତ୍ୱ ବହନ କରି ସେମାନଙ୍କର ସାମାଜିକ ଶିକ୍ଷା, ସ୍ୱାସ୍ଥ୍ୟ ଇତ୍ୟାଦିର ଯତ୍ନ ନେବା ସଙ୍ଗେ ସଙ୍ଗେ ଆଧ୍ୟାତ୍ମିକ ଶିକ୍ଷା ଦିଆଯାଇ ଚରିତ୍ରବାନ୍ ସୁ-ନାଗରିକ ଭାବେ ଗଠନ କରିବା ପାଇଁ ଏହା ଉଦ୍ଦିଷ୍ଟ । ଅବହେଳିତ ଶିଶୁମାନଙ୍କର ଶିକ୍ଷାଦୀକ୍ଷା, ସ୍ୱାସ୍ଥ୍ୟ, ରହିବା ଓ ଖାଦ୍ୟ

ବସ୍ତ୍ରର ସମସ୍ତ ଦାୟିତ୍ୱ ଏହି ଅନୁଷ୍ଠାନ ବହନ କରୁଅଛି । **''ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟାଃ''**– ଏହି ଆଦର୍ଶକୁ ବହନ କରି ମହାନ୍ ଲକ୍ଷ୍ୟ ସାଧନ ଉଦ୍ଦେଶ୍ୟରେ ଏହି ସମିତି ଗଠିତ ।

**୪. ସେବାଶ୍ରମ ସଂଗଠନ :**

ଏହି ସଂଗଠନ ପରିଷଦର ପ୍ରତ୍ୟେକ ସାଙ୍ଗଠନିକ କାର୍ଯ୍ୟରେ ସେବାମୂଳକ କର୍ମରେ, ସେବାମୂଳକ ସହଯୋଗ ଦେବାପାଇଁ ମୁଖ୍ୟତଃ ଗଠିତ । ଏହି ସଂଗଠନ ମାଧ୍ୟମରେ ସର୍ବ୍ୟଭୁକ୍ତ ଗୁରୁଭାଇ/ଭଉଣୀଙ୍କ ତଥା ସମାଜରେ ପ୍ରତ୍ୟେକ ଅବହେଳିତ ବ୍ୟକ୍ତି ବିଶେଷଙ୍କ କ୍ଷେତ୍ରରେ ସେବା ମାଧ୍ୟମରେ ସମସ୍ୟା ସମାଧାନ କରିବା ପାଇଁ ଏହା ଉଦ୍ଦିଷ୍ଟ । ଏହି ସଂଗଠନ ମାଧ୍ୟମରେ ଭ୍ରାମ୍ୟମାଣ ଶିବିର, ଶିକ୍ଷା, ସଭାସମିତି ମାନ କରି ସମାଜରୁ କୁ-ସଂସ୍କାର, ଅଜ୍ଞାନ ଓ ଧର୍ମାନ୍ଧତାକୁ ଦୂରକରି ଜ୍ଞାନାଲୋକ ପ୍ରଦାନ କରିବା, ପୀଡ଼ିତ, ପତିତ, ଅବହେଳିତ, ନିରାଶ୍ରୟ ରୋଗୀମାନଙ୍କର ସେବା ଶୁଶ୍ରୁଷା କରିବା, ଅବହେଳିତ ଅବୋଧ ପ୍ରାଣୀମାନଙ୍କର ଯତ୍ନ ନେବା ଇତ୍ୟାଦି କାର୍ଯ୍ୟ କରିବା, ଶିକ୍ଷା ଶିବିରମାନ ସ୍ଥାପନ କରି ଛୋଟ ଛୋଟ ଶିଶୁମାନଙ୍କୁ ସୁଷମ ଖାଦ୍ୟ, ବସ୍ତ୍ର, ସ୍ୱାସ୍ଥ୍ୟ ଚିକିତ୍ସା ଯୋଗାଇବା ସଙ୍ଗେ ସଙ୍ଗେ ଆଶ୍ରମ ପଦ୍ଧତିରେ ଶିକ୍ଷା ପ୍ରଦାନ କରିବା ଓ ବିନା ଯଜ୍ଞ ତପସ୍ୟାରେ ମଧ୍ୟ, କିପରି ସେବା ମାଧ୍ୟମରେ ଈଶ୍ୱରପ୍ରାପ୍ତି ହୋଇପାରେ, ତାହା ଶିକ୍ଷା ଦିଆଯାଇଥାଏ । **କାରଣ ମାନବ ସେବା ହିଁ ମାଧବ ସେବା ।**

୫. ସାହିତ୍ୟ ସଂସଦ :

ଏହି ଅନୁଷ୍ଠାନ ହେଉଛି ପରିଷଦର ପ୍ରଚାର ଓ ପ୍ରସାର ଧର୍ମୀ ଅଙ୍ଗ । ସର୍ବ୍ୟଭୁକ୍ତ ସମସ୍ତ ଗୁରୁଭ୍ରାତା ଓ ଭଗ୍ନୀମାନଙ୍କ ମଧ୍ୟରେ ଭାବ ବିନିମୟ, ସଂହତି ଓ ଏକତା ରକ୍ଷା କରିବାର ଏହା ଏକ ମାଧ୍ୟମ । ଏତଦ୍‌ବ୍ୟତୀତ ସାରା ବିଶ୍ୱର କଲ୍ୟାଣାର୍ଥେ **ସ୍ୱୟଂ ଆବିର୍ଭୂତ ଅବତାରୀ ପୁରୁଷ ମହାପ୍ରଭୁ ଶ୍ରୀ ଗୁରୁସ୍ୱାମୀଙ୍କ ଶ୍ରୀମୁଖ ନିଃସୃତ ଅମୃତଧାରା ପ୍ଲାବିତ** କରାଇ ସାରା ମାନବଜାତିକୁ ଜୀବତ୍ୱରୁ ଦିବ୍ୟତ୍ୱ ତଥା ଚରମପ୍ରାପ୍ତି କରାଇବା ପାଇଁ 'ଚରମ' ପତ୍ରିକା ମାଧ୍ୟମରେ ସମଗ୍ର ତତ୍ତ୍ୱଜ୍ଞାନ, ପ୍ରେମଭକ୍ତି ମାର୍ଗରେ ବିଶ୍ୱମାନବଙ୍କୁ ଦିବ୍ୟତ୍ୱର ସନ୍ଧାନ ଦେବାପାଇଁ ଉଦ୍ଦିଷ୍ଟ ।

ଶ୍ରୀଗୁରୁସ୍ୱାମୀଙ୍କ ଆଜ୍ଞାରେ ଜ୍ଞାନ, ବିଜ୍ଞାନ, ତତ୍ତ୍ୱ ପ୍ରେମ ଭକ୍ତି ଦର୍ଶନାଦିର ବ୍ୟାଖ୍ୟା ଯୁଗ ମୀମାଂସାର ସମସ୍ତ ସୂତ୍ର ନିର୍ଣ୍ଣୟ, ପଞ୍ଚଦଶ ଶତକର ମହାପୁରୁଷମାନଙ୍କ ଭବିଷ୍ୟବାଣୀର ସମସ୍ତ ରହସ୍ୟଭେଦ ଓ ଗବେଷଣା ଇତ୍ୟାଦିକୁ ଏହି ସଂସଦ୍ ଦ୍ୱାରା ପ୍ରକାଶ୍ୟ **'ଚରମ'** ପତ୍ରିକା ମାଧ୍ୟମରେ ପ୍ରଚାର ଓ ପ୍ରସାର କରି ବିଶ୍ୱବାସୀଙ୍କ ନିକଟରେ ଅବ୍ୟକ୍ତର ସନ୍ଦେଶ ପହଞ୍ଚା ଯାଇପାରିବ । କ୍ଷୁଦ୍ର କ୍ଷୁଦ୍ର ପୁସ୍ତିକାମାନଙ୍କ ମାଧ୍ୟମରେ ସର୍ବଜନୋପଯୋଗୀ ବିଷୟବସ୍ତୁ, ଯଥା ଈଶ୍ୱରଙ୍କଠାରେ ବିଶ୍ୱାସ, ଭକ୍ତି, ଯୋଗ ଓ ମହାମନ୍ତ୍ରାଦିର ଜପ ମହାତ୍ମ୍ୟ ପ୍ରଭୃତି ପ୍ରଚାର ଦ୍ୱାରା ସମସ୍ତଙ୍କର କଲ୍ୟାଣ ସାଧନ କରାଯିବା ଏହାର ଲକ୍ଷ୍ୟ ।

**୬. କ୍ଷିତିଜ୍ୟୋତି ସଂଗୀତ ମହାବିଦ୍ୟାଳୟ :**

ଏହି ଅନୁଷ୍ଠାନରେ ଛାତ୍ର/ଛାତ୍ରୀମାନଙ୍କୁ ଆଶ୍ରମ ପଦ୍ଧତିରେ ଓଡ଼ିଶୀ ତଥା ଶାସ୍ତ୍ରୀୟ ସଙ୍ଗୀତ, ବାଦ୍ୟଯନ୍ତ୍ର ଇତ୍ୟାଦି ଅଭିଜ୍ଞ ଶିକ୍ଷକଙ୍କ ଦ୍ୱାରା ଶିକ୍ଷା ଦିଆଯାଏ । ସମାଜରେ କୃତୀ କଳାକାର ସୃଷ୍ଟି କରିବା ଏବଂ ସଙ୍ଗୀତ ମାଧ୍ୟମରେ ଭାବମୂଳକ ଭଜନ, ଜଣାଣ ପ୍ରଭୃତିରୁ ସହଜ ସୂତ୍ରରେ ଈଶ୍ୱର ଦର୍ଶନ ଲାଭ କରିବାର ଉପାୟ ଶିକ୍ଷା ଦିଆଯିବା ପାଇଁ

ଏହା ଉଦ୍ଦିଷ୍ଟ । ଈଶ୍ୱରଙ୍କ ପ୍ରିୟ ଅମୃତ ସନ୍ତାନମାନଙ୍କ ଭାବଧାରାନୁମୋଦିତ ପଦ୍ଧତିରେ ଆକର୍ଷଣ କରି ସଚ୍ଚିଦାନନ୍ଦ ପ୍ରାପ୍ତି କରାଇବା ଏହାର ଲକ୍ଷ୍ୟ ।

୭. ମାତୃ ବନ୍ଦନା ସଂଗଠନ :

ଚାରିତ୍ରିକ ମୂଲ୍ୟବୋଧକୁ ହରାଇ ବସିଥିବା ଧ୍ୱଂସାଭିମୁଖୀ ମାନବିକ ଅବିଚାର, ଅନୈତିକ ଅଜ୍ଞାନ ଅନ୍ଧକାରାଚ୍ଛନ୍ନ ଅତ୍ୟାଚାରରେ ସମାଜର ମହିଳା ବା ନାରୀଜାତି ଅଧୁନା ଅବମାନିତା, ଅପମାନିତା ଓ ଅବହେଳିତା ।

ଏହି ନିର୍ଯ୍ୟାତିତା, ପ୍ରପୀଡ଼ିତା, ପତୀତା ନାରୀ ଜାତିକୁ ପରିଷଦ୍‌ର ଏହି ସଂଗଠନ ମାଧ୍ୟମରେ ଆତ୍ମବୋଧର ମାନ୍ୟତା ଦେଇ ନାରୀ ଜାତିର ପ୍ରତିଭାକୁ ବିକଶିତ କରାଇବା ଏବଂ ଶ୍ରୀ ଗୁରୁସ୍ୱାମୀଙ୍କ ମାର୍ଗଦର୍ଶନ ଅନୁଯାୟୀ କୁ-ସଂସ୍କାର ଅଜ୍ଞାନତାକୁ ଦୂର କରାଇ ନାରୀ ଜାଗରଣ ପୂର୍ବକ ସମାଜରେ ସହଧର୍ମିଣୀ ଗୃହଲକ୍ଷ୍ମୀ, ସେବିକା ରୂପରେ ଆଧ୍ୟାତ୍ମିକ ଶକ୍ତିର ସ୍ଫୁରଣ କରାଇବା । ନିରକ୍ଷରତା ଦୂରୀକରଣ, ଆତ୍ମନିର୍ଭରଶୀଳ ହେବାପାଇଁ ବୈଷୟିକ ଧନ୍ଦାମୂଳକ ଶିକ୍ଷା ପଦ୍ଧତି ପ୍ରଚଳନ କରି ସମାଜ ସଂସ୍କାର ନିମନ୍ତେ ବୈପ୍ଲବିକ ପରିବର୍ତ୍ତନ ଆଣିବା ଏହାର ଲକ୍ଷ୍ୟ ।

୮. ସନାତନ ଆଧ୍ୟାତ୍ମିକ ବିଦ୍ୟା ନିକେତନ :

ଏହା ଗୁରୁ ଶିଷ୍ୟ ପରମ୍ପରାଗତ ଆଧ୍ୟାତ୍ମିକ ଶିକ୍ଷାର ମୁଖ୍ୟ ଅଙ୍ଗ । ସତ୍ୟ ଧର୍ମ ପଥରୁ ବିଚ୍ୟୁତ ବିପଥଗାମୀ ସମାଜକୁ ଆଧ୍ୟାତ୍ମିକ ଶିକ୍ଷାରେ ନୂତନ ଦିଗ୍‌ଦର୍ଶନ ଦେଇ ସୁସ୍ଥ ସମାଜ ଗଠନ କରିବା ଏହାର ଲକ୍ଷ୍ୟ । ଇଚ୍ଛୁକ ବ୍ୟକ୍ତିମାନଙ୍କୁ ଏଥିରେ ଛାତ୍ରଛାତ୍ରୀ ଭାବେ ଗ୍ରହଣ କରାଯାଏ । ପ୍ରତି ରବିବାରରେ ଦୁଇଘଣ୍ଟାର ଆଧ୍ୟାତ୍ମିକ ଶିକ୍ଷା ଦିଆଯିବା ସଂଗେ ସଂଗେ ସ୍ଥୂଳ, ସୂକ୍ଷ୍ମ ଓ କାରଣ ଜଗତ ସମ୍ବନ୍ଧୀୟ ବିଭିନ୍ନ ତାତ୍ତ୍ୱିକ ପ୍ରଶ୍ନର ମୀମାଂସା ତତ୍ତ୍ୱବାହୀଙ୍କ ଜରିଆରେ ଦିଆଯାଇ ଶିକ୍ଷାର୍ଥୀଙ୍କ ସନ୍ଦେହ ମୋଚନ କରାଯାଉଅଛି । କୁସଂସ୍କାର, ଅଜ୍ଞାନତା ଦୂର କରିବା ସଙ୍ଗେ ସଙ୍ଗେ ବିଶ୍ୱ ଭ୍ରାତୃତ୍ୱ ପ୍ରତିଷ୍ଠା ସହ ସମାଜରେ ସତ୍ୟ ଶାନ୍ତି ସୃଷ୍ଟି ନିମନ୍ତେ ମାର୍ଗ ନିର୍ଦ୍ଦେଶ କରାଯାଉଅଛି ।

**ସାଧାରଣ ସଂପାଦକ**

**ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍**


**ବିଜ୍ଞପ୍ତି**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି, 'ଚରମ' ପତ୍ରିକାରେ ତଥା ଚରମ ପ୍ରକାଶନ ସଂସ୍ଥା ତରଫରୁ ପ୍ରକାଶିତ ସମସ୍ତ ପୁସ୍ତକରେ ପରିବେଷିତ ତଥ୍ୟ, ତତ୍ତ୍ୱ, ଡିଜାଇନ୍, ପ୍ରଚ୍ଛଦ ଇତ୍ୟାଦି ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍, ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍, କ୍ଷିତିଜ୍ୟୋତି ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା ୭୫୪୨୦୬ର ସର୍ବସ୍ୱତ୍ୱ ସଂରକ୍ଷିତ ଅଟେ । ଚରମ ପ୍ରକାଶନ ସଂସ୍ଥାର ବିନାନୁମୋଦନରେ ଏହା ଅନ୍ୟତ୍ର ବ୍ୟବହାର କରିବା ନିଷିଦ୍ଧ । ଏହା ଲଂଘନ କଲେ, ସଂପୃକ୍ତ ବ୍ୟକ୍ତି / ସଂସ୍ଥା ଇତ୍ୟାଦି ଆଇନାନୁଯାୟୀ ଦଣ୍ଡିତ ହେବେ ।

ପରିଚାଳକ,

ଚରମ ପ୍ରକାଶନ ସଂସ୍ଥା

# ଚରମ ହିଁ ଅଟେ ପରମ



ଚରମ ହିଁ ପ୍ରେମ ଚରମ ହିଁ ଧର୍ମ,
ଚରମ ହିଁ ଅଟେ ପରମ,
ଚରମ ପାଇଁ କରିଲେ କର୍ମ,
ହେତୁ କରିବା ଚରମର ମର୍ମ ।।



ଚରମ ହିଁ ଅଟେ ପରମ,
ସ୍ୱାଗତ କରେ ସମ ସହିତ ଦମ,
ବିନାଶ କରେ ମନରୁ କାମ,
ଅନ୍ତରେ ଭରେ ବିଶ୍ୱ ଭ୍ରାତୃତ୍ୱର ପ୍ରେମ ।।

ଚରମ ପାଇଁ ଦେବାରେ ଜୀବନ,
ଧର୍ମ ଆମର ସନାତନ,
ଚିନ୍ତନ୍‌ରେ ମନ ନିତ୍ୟ ନୂତନ,
ଗୁରୁଙ୍କଠାରେ ସ୍ଥିର କରି ମନ ।।



ଗୁରୁସ୍ୱାମୀ ଆମ ଜଗତ ସାଇଁ,
ଲୀଳା କରୁଛନ୍ତି ସ୍ୱର୍ଣ୍ଣକ୍ଷେତ୍ରେ ରହି,
ଚରମ ହିଁ ପ୍ରେମ ଚରମ ହିଁ ଧର୍ମ,
ଚରମ ହିଁ ଅଟେ ପରମ ।।



କୁଳାଭିମାନ, ଐଶ୍ୱର୍ଯ୍ୟ, ଜ୍ଞାନଗରିମା, ସୌଭାଗ୍ୟସମ୍ପଦ ଓ ମଦମତ୍ତ ବ୍ୟକ୍ତି ଈଶ୍ୱରଙ୍କୁ ଡାକିବାକୁ ଅବସର ପାଏ ନାହିଁ । ଯେ ନିଃସ୍ୱ ସେ ଈଶ୍ୱରଙ୍କୁ ଆକୁଳ ହୃଦୟରେ ଡାକେ ଓ ଈଶ୍ୱରଙ୍କର ଦର୍ଶନ ପାଏ ।

ଶ୍ରୀଶ୍ରୀଶ୍ରୀ ଠାକୁର

# 'ଚରମ'ର ପ୍ରଥମ ପୁଷ୍ପ
# ପ୍ରଥମ ପାଖୁଡ଼ା
# ଚତୁର୍ଥ ମହକ
# କାହିଁକି ???

**'ଚରମ'** । ପରମ ପୁରୁଷ ପୁରୁଷୋତ୍ତମ ଗୁରୁସ୍ୱାମୀ ଭଗବାନ କେଶବଚନ୍ଦ୍ରଙ୍କର ଆଶୀର୍ବାଦ ପୁଷ୍ପ । ଅବ୍ୟକ୍ତ ମଣ୍ଡଳର ଆଦି ଅନାଦି ଜଗତରୁ ଓଁକାର ମଣ୍ଡଳର ସୂକ୍ଷ୍ମ ଜଗତ ଦେଇ ଶକଟକ ମଣ୍ଡଳର ସ୍ଥୂଳ ଜଗତ : ଏହି ଧରାଧାମକୁ ଅବତରଣ କରେ ଅକ୍ଟୋବର ୩୦ ତାରିଖ, ସନ୍ ୧୯୯୩ ମସିହା, ଶୁଭ ରାତ୍ରିର ଶୁଭ ଲଗ୍ନ ଘ୮।୩୫ ମିନିଟ୍‌ରେ । ଏ ମଧ୍ୟରେ ଅଗଣିତ ଆଧ୍ୟାତ୍ମିକ ପ୍ରେମୀ ଦିବ୍ୟାତ୍ମାମାନଙ୍କର ହସ୍ତଗତ ହୋଇ 'ଚରମ' ଏକ ଆଧ୍ୟାତ୍ମିକ ବିପ୍ଳବର ସୂତ୍ରପାତ କରେ । ଶ୍ରୀଶ୍ରୀ ଗୁରୁସ୍ୱାମୀଙ୍କ ଅଗଣିତ ଅନୁଗତ ଭକ୍ତ ଏବଂ ଶିଷ୍ୟ 'ଚରମ'ର କପି ପାଖୁଡ଼ାଟିଏ ପାଇଁ ବହୁ ଅଳି କରୁଅଛନ୍ତି ।

'ଚରମ'ର ପ୍ରଥମ ପୁଷ୍ପ, ପ୍ରଥମ ପାଖୁଡ଼ା, ତୃତୀୟ ମହକ ଶେଷ ହୋଇଛି । ଯେଉଁମାନେ ଏଯାବତ୍ ପ୍ରଥମ ପାଖୁଡ଼ା ପାଇ ନାହାନ୍ତି, ସେମାନେ ଅନ୍ୟାନ୍ୟ ପାଖୁଡ଼ା ସହିତ ପ୍ରଥମ ପାଖୁଡ଼ା ଦାବୀ କରୁଛନ୍ତି । ତେଣୁ, ସେମାନଙ୍କର ଆଗ୍ରହ ଏଡ଼େଇ ନ ପାରି 'ଚରମ'ର ପ୍ରଥମ ପୁଷ୍ପର ପ୍ରଥମ ପାଖୁଡ଼ାର ଚତୁର୍ଥ ମହକ ପ୍ରକାଶ କରିବାର ଆବଶ୍ୟକତା ସ୍ୱୟଂଙ୍କେ ଶ୍ରୀଶ୍ରୀ ଠାକୁରଙ୍କ ପଦାରବିନ୍ଦରେ ଅଳି କରିବାରୁ କୃପାମୟ ପ୍ରଭୁ 'ଚରମ'ର ଆବିର୍ଭାବ ତିଥି ଉତ୍ସବ ପରେ ଏହାକୁ ନୂତନ ଶୈଳୀରେ ପ୍ରକାଶ କରିବାକୁ ଆଶୀର୍ବାଦ ଦେଇ ଆମ୍ଭମାନଙ୍କୁ ଧନ୍ୟ ଓ କୃତାର୍ଥ କରିଅଛନ୍ତି । ଆମେ ତେଣୁ ଶ୍ରୀ ଶ୍ରୀ ଗୁରୁସ୍ୱାମୀଙ୍କ ପାଦ ପୀଠରେ କୃତଜ୍ଞତାର ଅଞ୍ଜଳି ନିବେଦନ କରି ଶତ ସହସ୍ର ସାଷ୍ଟାଙ୍ଗ ପ୍ରଣାମ ନିବେଦନ କରୁଛୁଁ ।

'ଚରମ'ର ପ୍ରଥମ ପୁଷ୍ପ ପ୍ରଥମ ପାଖୁଡ଼ାରେ ବିଷୟ ପ୍ରବେଶର କ୍ରମକୁ ଚତୁର୍ଥ ମହକରେ ପରିବର୍ତ୍ତନ କରାଯାଇ ସୁନ୍ଦର କରିବାର ପ୍ରୟାସ କରାଯାଇଛି । ପାଠକ/ପାଠିକା ମାନଙ୍କର ସୁଖ ସୁବିଧା ନିମନ୍ତେ ତୃତୀୟ ମହକକୁ ସବୁମତେ ସୁନ୍ଦର କରି ତୋଳିବା ନିମନ୍ତେ ତୀକ୍ଷ୍ଣ ଦୃଷ୍ଟି ଦିଆଯାଇଛି ।

ଆବଶ୍ୟକ ସ୍ଥଳେ କେତେକ ନୂତନ ସଂଯୋଜନା ସଂଯୁକ୍ତ ହୋଇଛି । ଆଶା କରୁଁ, ଏହି ଚତୁର୍ଥ ମହକ ପ୍ରତ୍ୟେକଙ୍କୁ ଆନନ୍ଦ ଦେଇ ପାରିଲେ, ଆମ୍ଭମାନଙ୍କର ଶ୍ରମ ସାର୍ଥକ ହେବ ।

ସଂପାଦନା
ଚରମ ପ୍ରକାଶନ ସଂସ୍ଥା

ଆମର ଲକ୍ଷ୍ୟ : ଚରମପ୍ରାପ୍ତି